ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
ସମ୍ବାଦ କଳିକା
TM
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
● ବର୍ଷ-୩୧ ● ସଂଖ୍ୟା-୧୬ ● ୧୧ ଫେବୃୟାରୀ ୨୦୨୪, ରବିବାର ● ଭୁବନେଶ୍ୱର ● Vol -31 ● Issue-16 ● 11st February 2024, Sunday ● Bhubaneswar
Licensed to post without pre-payment of postage No- BN-60/22-24

# ଭାରତ ଏବଂ ସ୍ପେନ ମଧ୍ୟରେ ପ୍ରୋ-ଲିଗ ମ୍ୟାଚ ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ




DSPL-639

ଆମ ଓଡ଼ିଶା
ନବୀନ ଓଡ଼ିଶା

Odisha
The rising IT powerhouse of Eastern India
welcomes

cognizant






Cognizant joins global giants like Deloitte, IBM, EY, PWC, and Concentrix in setting steps in Odisha

- Thousands of job opportunities will be generated in the next two years.
- This move solidifies Bhubaneswar's premier IT hub in Eastern India status & generates jobs for youths.
- The policies of the Odisha Government are strengthening the technology-driven economy.

Bhubaneswar is emerging as India's fastest-growing IT city in the East and Northeast, marking a significant milestone in the nation's technological advancement.

Odisha Technology Centre, Acharya Vihar, Bhubaneswar

E & I.T. Department, Government of Odisha

OIPR : 16003/13/0127/2324

e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୧ • ସଂଖ୍ୟା–୧୬ • ୧୧ ଫେବୃୟାରୀ ୨୦୨୪, ରବିବାର • ଭୁବନେଶ୍ୱର • Vol -31 • Issue-16 • 11st February 2024, Sunday • Bhubaneswar
Licensed to post without pre-payment of postage No- BN-60/22-24

ଆଇପିଏଲ୍ ପୂର୍ବରୁ ଲଞ୍ଚ ହେଲା ଥାଲାଙ୍କ ଜର୍ସିର ଫାଷ୍ଟ ଲୁକ୍







மୋଦୀ ସରକାରଙ୍କ ଗ୍ୟାରେଣ୍ଟି
ସମସ୍ତଙ୍କୁ ସୁରକ୍ଷିତ ଓ ଆଧୁନିକ ଗମନାଗମନ ସୁବିଧା
ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ 1300ରୁ ଅଧିକ ରେଳ ଷ୍ଟେସନର ଆଧୁନିକୀକରଣ ଏବଂ ପୁନର୍ବିକାଶ
ଅଧିକ ସୂଚନା ପାଇଁ ସ୍କାନ୍ କରନ୍ତୁ
ଆମ ସଂକଳ୍ପ ବିକଶିତ ଭାରତ



## ଜନଜାତି ଲୋକଙ୍କ ଭାଗିଦାରୀକୁ ନେଇ ମହା ସମାବେଶ

# ଜନଜାତି ସଂସ୍କୃତିର ସଂରକ୍ଷଣ ପାଇଁ ରାଜ୍ୟ ସରକାରଙ୍କ ବ୍ୟାପକ ପଦକ୍ଷେପ

ଭୁବନେଶ୍ୱର, ୧୦।୨
ନ୍ୟୁଜ୍ ବ୍ୟୁରୋ

ସମଗ୍ର ରାଜ୍ୟରେ ଆଦିବାସୀ ସମ୍ପ୍ରଦାୟର ସାମଗ୍ରିକ ବିକାଶରେ ଜନସାଧାରଣଙ୍କ ଅଂଶଗ୍ରହଣକୁ ପାଳନ କରି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ହିତାଧିକାରୀଙ୍କ ଏକ ମହା ସମାବେଶ ଅନୁଷ୍ଠିତ ହୋଇଯାଇଛି।

ଆଦିବାସୀ ସଂସ୍କୃତିର ସଂରକ୍ଷଣ ତଥା ସେମାନଙ୍କ ପରିଚୟ ବଜାୟ ରଖିବା ପାଇଁ ଏସ୍‌ଡିସିର ସଫଳତା ଏବଂ ସେମାନଙ୍କର ଅନନ୍ୟ ହସ୍ତକ୍ଷେପକୁ ପାଳନ କରିବା ଲାଗି ସ୍ଥାନୀୟ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୧,୭୫୦ ହିତାଧିକାରୀଙ୍କ ସମେତ ୨୩ଟି ଏସଡିସିର ପ୍ରାୟ ୨,୦୦୦ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ମହା ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି ଯେ, ଏସଡିସି ଜରିଆରେ ଓଡ଼ିଶା ଏହି ନିଆରା ପଦକ୍ଷେପ ଗ୍ରହଣ କରିବା ସହ ଆଦିବାସୀ ସମ୍ପ୍ରଦାୟର ନୃତ୍ୟ, ସଙ୍ଗୀତ ଓ ପରିବେଶକୁ ସଂରକ୍ଷଣ କରିବାର ଗୌରବ ଅର୍ଜନ କରିଛି। ୧୩ଟି ଆଦିମ ଜନଜାତି ବା ପିଭିଟିଜି ସମେତ ୬୨ଟି ଆଦିବାସୀ *(ପୃଷ୍ଠା ୭ରେ)*




# ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଲାଗୁ ହେବ ସିଏଏ

ନୂଆଦିଲ୍ଲୀ, ୧୦।୨

ନାଗରିକତା ସଂଶୋଧନ ଆଇନ (ସିଏଏ)କୁ ନେଇ ବଡ଼ ଘୋଷଣା କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା । ୨୦୨୪ ଲୋକସଭା ନିର୍ବାଚନ ପୂର୍ବରୁ ଦେଶରେ ସିଏଏ ଲାଗୁ ହେବ ବୋଲି ଶାହା କହିଛନ୍ତି। ସିଏଏ ମାଧ୍ୟମରେ ସରକାର ସେହି ଲୋକମାନଙ୍କୁ ନାଗରିକତା ଦେବାକୁ ଚାହୁଁଛନ୍ତି ଯେଉଁମାନେ ପାକିସ୍ତାନ, ଆଫଗାନିସ୍ତାନ ଓ ବାଂଲାଦେଶରୁ ଉତ୍ପୀଡନ ସହିବା ପରେ ଭାରତର ଶରଣ ନେଇଛନ୍ତି । ଏହା କୌଣସି ଭାରତୀୟଙ୍କ ନାଗରିକତା ଛଡାଇ ନେବନାହିଁ ବୋଲି ଗୃହମନ୍ତ୍ରୀ କହିଛନ୍ତି ।

'ଇଟି ନାଓ ଗ୍ଲୋବାଲ ସମିଟ ୨୦୨୪'ରେ ଯୋଗଦେଇ ଶାହା ଅଭିଯୋଗ କରିଛନ୍ତି ଯେ ସିଏଏ ଲାଗୁ କରିବା ପ୍ରତିଶ୍ରୁତି ଉପରେ କଂଗ୍ରେସ ପଛଘୁଞ୍ଚା ଦେଇଥିଲା। ସିଏଏ କଂଗ୍ରେସ ସରକାରଙ୍କ ପ୍ରତିଶ୍ରୁତି ଥିଲା। ଯେତେବେଳେ ଦେଶ ବିଭାଜିତ ହେଲା, ସେହି ଦେଶ ଗୁଡିକରେ ସଂଖ୍ୟାଲଘୁମାନେ



ନିର୍ଯାତନାର ଶିକାର ହେଲେ। କଂଗ୍ରେସ ଶରଣାର୍ଥୀ ମାନଙ୍କୁ ଆଶ୍ୱାସନା ଦେଇଥିଲା ଯେ ସେମାନଙ୍କୁ ଭାରତରେ ଆଶ୍ରୟ ଦିଆଯିବ ଓ ଭାରତୀୟ ନାଗରିକତା ପ୍ରଦାନ କରାଯିବ। କିନ୍ତୁ କଂଗ୍ରେସ ଏହି ପ୍ରତିଶ୍ରୁତି ପୂରଣ କରିନଥିଲା।

ଶାହା ଆହୁରି କହିଛନ୍ତି, ନାଗରିକତା ପ୍ରଦାନ ପାଇଁ ସିଏଏ ଅଣାଯାଇଛି, କାହାର ନାଗରିକତା ନେବା ପାଇଁ ନୁହେଁ । ଆମ ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟ ବିଶେଷକରି ଆମର ମୁସଲମାନ ସମ୍ପ୍ରଦାୟକୁ ସିଏଏ ଆଇନ ନେଇ ବିଭ୍ରାନ୍ତ କରାଯାଉଛି। ସିଏଏ କାହାର ନାଗରିକତା ଛଡ଼ାଇ ନେବ ନାହିଁ। କାରଣ ଆଇନରେ ଏମିତି କୌଣସି ବ୍ୟବସ୍ଥା ନାହିଁ । ବାଂଲାଦେଶ ଏବଂ ପାକିସ୍ଥାନରେ ନିର୍ଯାତିତ ଶରଣାର୍ଥୀଙ୍କୁ ନାଗରିକତ୍ୱ ପ୍ରଦାନ କରିବା ସିଏଏର ଉଦ୍ଦେଶ୍ୟ।

୨୦୧୯ରେ ସିଏଏ ଆଣିଥିଲେ ମୋଦି ସରକାର। ତେବେ ଏହି ଆଇନ ବିରୋଧରେ ରାଜଧାନୀ ଦିଲ୍ଲୀ ସହ ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହେବା ଯୋଗୁଁ ଏହାକୁ ସରକାର ଲାଗୁ କରିନଥିଲେ । ଏହି ଆଇନ ଅନୁଯାୟୀ ବାଂଲାଦେଶ, ପାକିସ୍ତାନ ଓ ଆଫଗାନିସ୍ତାନରୁ ୩୧ ଡିସେମ୍ବର ୨୦୧୪ ପୂର୍ବରୁ ଭାରତ ଆସିଥିବା ହିନ୍ଦୁ, ଶିଖ, ଜୈନ, ବୌଦ୍ଧ, ପାର୍ସୀ ଏବଂ ଖ୍ରୀଷ୍ଟିଆନ ଭଳି ଅଣ ମୁସଲମାନଙ୍କୁ ଭାରତୀୟ ନାଗରିକତା ପ୍ରଦାନ କରାଯିବ।

## ବଢ଼ିଲା ଇପିଏଫ୍ ସୁଧହାର

ନୂଆଦିଲ୍ଲୀ, ୧୦।୨

୬ କୋଟିରୁ ଅଧିକ ଥିବା କର୍ମଚାରୀଙ୍କ ଲାଗି ଖୁସି ଖବର। ବଢ଼ିଲା ଇପିଏଫ ସୁଧହାର। ଆର୍ଥିକ ବର୍ଷ ୨୦୨୩-୨୪ ଲାଗି ଇପିଏଫ ସୁଧହାର ବୃଦ୍ଧି କରାଯାଇଛି । ସୁଧହାର ୮.୨୫କୁ ବୃଦ୍ଧି ହୋଇଛି। ପୂର୍ବ ତୁଳନାରେ ଇପିଏଫ ସୁଧହାରରେ ୦.୧୦ ପ୍ରତିଶତ ବଢାଯାଇଛି। କର୍ମଚାରୀ ଭବିଷ୍ୟ ନିଧି ସଂଗଠନ ଇପିଏଫଓ ଏବଂ ସିବିଟି ତରଫରୁ ଏହି ସୁଧହାର ବୃଦ୍ଧି କରାଯାଇଛି। ଗତ ବର୍ଷ ମାର୍ଚ୍ଚରେ ଇପିଏଫଓ ୨୦୨୨-୨୩ ଆର୍ଥିକ ବର୍ଷ ଲାଗି ୮.୧୫ ପ୍ରତିଶତ ଘୋଷଣା ହୋଇଥିଲା। ଏହା ପୂର୍ବରୁ ୨୦୨୨ ଆର୍ଥିକ ବର୍ଷ ଲାଗି ଇପିଏଫଓ ସୁଧହାର ୮.୧୦ ପ୍ରତିଶତ ରହିଥିଲା। ଇପିଏଫଓ ସୁଧହାର ବୃଦ୍ଧି ଫଳରେ ଏହାର ଲାଭ କୋଟି କୋଟି କର୍ମଚାରୀଙ୍କୁ ମିଳିବ।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

## ମାଟ୍ରିକ ପ୍ରଶ୍ନପତ୍ର ଲିକ୍ ଓ ଭାଇରାଲ ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୦।୨
ନ୍ୟୁଜ୍ ବ୍ୟୁରୋ

ମାଟ୍ରିକ ପ୍ରଶ୍ନପତ୍ର ଲିକ କିମ୍ବା ଭାଇରାଲ ହେଲେ ସମ୍ପୃକ୍ତ ସ୍କୁଲ ପ୍ରଧାନଶିକ୍ଷକ ହିଁ ଦାୟୀ ରହିବେ। ଏପରି ଅନେକ କିଛି ସଂସ୍କାର ନେଇ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପଞ୍ଚମ ବ୍ଲକ ସ୍ତରୀୟ ମାସିକ ଆଲୋଚନା କାର୍ଯ୍ୟକ୍ରମରେ ଅବଗତ କରିବା ସହ ଏକ ଲେଖା ବି ପ୍ରକାଶ ପାଇଛି । ଖୁବ୍‌ଶୀଘ୍ର ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ। ଏହା ପୂର୍ବରୁ ପ୍ରଶ୍ନପତ୍ର ଭାଇରାଲ ରୋକିବାକୁ ରାଜ୍ୟ ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଯଦି କୌଣସି ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ଭାଇରାଲ ହୋଇଥିବା ନଜରକୁ ଆସେ ତାହାହେଲେ *(ପୃଷ୍ଠା ୭ରେ)*

## ଖଲ୍ଲିକୋଟର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକ

ଗଞ୍ଜାମ, ୧୦।୨ : ନ୍ୟୁଜ୍ ବ୍ୟୁରୋ

ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଅନ୍ୟତମ ଘନିଷ୍ଠ ସହଯୋଗୀ, ବିଶିଷ୍ଟ ରାଜନୀତିଜ୍ଞ ତଥା ଖଲ୍ଲିକୋଟର ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକ ଘଟିଛି। ଚିକିତ୍ସାଧୀନ ଅବସ୍ଥାରେ ଚେନ୍ନାଇର ଏକ ଘରୋଇ ହସପିଟାଲରେ ତାଙ୍କର ପରଲୋକ ହୋଇଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ନବୀନ *(ପୃଷ୍ଠା ୭ରେ)*



### ୧୦ଥର ବିଧାୟିକା ହୋଇ ଜନସେବାରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ି ଯାଇଛନ୍ତି



ଭୁବନେଶ୍ୱର, ୧୦।୨ : ନ୍ୟୁଜ୍ ବ୍ୟୁରୋ

ବିଶିଷ୍ଟ ରାଜନୀତିଜ୍ଞ ତଥା ପୂର୍ବତନ ବିଧାୟିକା ଭି. ସୁଜ୍ଞାନ କୁମାରୀ ଦେଓଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ଏକ୍ସରେ *(ପୃଷ୍ଠା ୭ରେ)*

## ଓଡ଼ିଶା ହେବ ଇଭି ହବ୍: ରାଜ୍ୟ ସରକାର ଓ ଜେଏସ୍‌ଡବ୍ଲୁ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୧୦।୨
ନ୍ୟୁଜ୍ ବ୍ୟୁରୋ

ଓଡ଼ିଶାରେ ବିଦ୍ୟୁତ୍ ଚାଳିତ ଯାନ ବା ଇଲେକ୍ଟ୍ରୋନିକ୍ ଭେଇକିଲ୍ (ଇଭି) ଓ ବ୍ୟାଟେରୀ ପ୍ରସ୍ତୁତ କରିବ ଜେଏସଡବ୍ଲୁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଏଥିପାଇଁ ଶନିବାର ଜେଏସଡବ୍ଲୁ ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଛି। ଦେଶରେ ଅଟୋମୋବାଇଲ ଶିଳ୍ପରେ ପ୍ରଥମ ଥର ପାଇଁ ପାଦ ଥାପିବ ଜେଏସଡବ୍ଲୁ । ଓଡ଼ିଶା ଶିଳ୍ପ ସମୃଦ୍ଧ ହେଉଥିବାବେଳେ *(ପୃଷ୍ଠା ୭ରେ)*




## ମଧୁବାବୁ ପେନସନ ଯୋଜନାରେ ୫୦୦ ଟଙ୍କା ବୃଦ୍ଧି

ଭୁବନେଶ୍ୱର, ୧୦।୨
ନ୍ୟୁଜ୍ ବ୍ୟୁରୋ

ମଧୁବାବୁ ପେନସନ ଯୋଜନାର ହିତାଧିକାରୀଙ୍କ ପାଇଁ ଖୁସିର ଖବର। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାରେ ମାସିକ ପେନସନ ରାଶିରେ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ଏଣିକି ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀମାନେ ସର୍ବନିମ୍ନ ପେନସନ ରାଶି ୧୦୦୦ ଟଙ୍କା ପାଇବେ। ଏହି ବର୍ଦ୍ଧିତ ପେନସନ ହିତାଧିକାରୀମାନେ ଚଳିତ ଫେବୃୟାରୀ ମାସରୁ ପାଇବେ।

ପୂର୍ବରୁ ଏହି ଯୋଜନାରେ ହିତାଧିକାରୀମାନେ ଯଥାକ୍ରମେ ଟ ୫୦୦, ଟ ୭୦୦ ଓ ଟ ୯୦୦ ପାଉଥିଲେ । ବର୍ଦ୍ଧିତ ପେନସନ ଅନୁଯାୟୀ ସେମାନେ ଏବେ ଯଥାକ୍ରମେ ଟ ୧୦୦୦, ଟ ୧୨୦୦ ଓ ଟ ୧୪୦୦ ପାଇବେ। ଏହି ବର୍ଦ୍ଧିତ ପେନସନ ପାଇଁ ରାଜ୍ୟ ସରକାର ବାର୍ଷିକ ୩୬୮୩ କୋଟି ଟଙ୍କା ଖର୍ଚ୍ଚ କରିବେ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ ହିତାଧିକାରୀଙ୍କ ପାଇଁ ମାସିକ ପେନସନରେ ମଧ ୫୦୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି।

ମଧୁବାବୁ ପେନସନ ଯୋଜନାରେ ହିତାଧିକାରୀମାନଙ୍କୁ ଫେବୃୟାରୀ ମାସର ପେନସନ ଫେବୃଆରୀ ୨୦ ରୁ ୨୫ ତାରିଖ ମଧ୍ୟରେ ପ୍ରତ୍ୟକ୍ଷ ଭାବେ ମିଳିବ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲା ଗସ୍ତ ସମୟରେ ବିଭିନ୍ନ ଅଞ୍ଚଳର ଲୋକ ମାନେ ଏହି ପେନସନ ରାଶି ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ। ଲୋକଙ୍କ ଅନୁରୋଧକୁ ଗ୍ରହଣ କରି ମୁଖ୍ୟମନ୍ତ୍ରୀ ସାମାଜିକ ସୁରକ୍ଷା ପେନସନ ଯୋଜନାର ଏହି ପେନସନ ରାଶି ପରିମାଣକୁ ବୃଦ୍ଧି କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ *(ପୃଷ୍ଠା ୭ରେ)*

### ଏକାଳ ସକାଳ



ନେତାଙ୍କ ପୀରତି କିଏ ସେ ଜାଣିଛି
କରେ ସଭିଁଙ୍କୁ ବାୟା
କେବେ ଶତ୍ରୁ କେବେ ବନ୍ଧୁ
ବୁଝାପଡିବନି ମାୟା
ଘଡିକେ ଚେଞ୍ଜ କାୟା
ବେଳଥାଉ ଥାଉ ନବୁଝିଲେ ଜନେ
ଡର ଲାଗିବ ନିଜର ଛାୟା।

# ଦୃଢ ଆର୍ଥିକ ପରିଚାଳନା ପାଇଁ ଓଡ଼ିଶାକୁ ସାର୍ଟିଫିକେଟ




ଭୁବନେଶ୍ୱର, ୧୦।୨
ନ୍ୟୁଜ୍ ବ୍ୟୁରୋ

ଆର୍ଥିକ ପରିଚାଳନାରେ ପୁଣି ଓଡ଼ିଶାକୁ ମିଳିଛି ସାର୍ଟିଫିକେଟ । ବିଧାନସଭାରେ ଉପସ୍ଥାପିତ ସିଏଜି ରିପୋର୍ଟ ଅନୁସାରେ, ଲଗାତାର ଭାବେ ଓଡ଼ିଶାର ଋଣଭାର ହ୍ରାସ ପାଉଥିବା ବେଳେ ଆର୍ଥିକ ବୋଝ କମୁଛି । ସେହିପରି ଖୋଲା ବଜାରରୁ ଓଡ଼ିଶା ଋଣ ନଉଠାଇ ବିକାଶମୂଳକ କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରିଛି । ୨୦୦୫-୦୬ ମସିହାଠାରୁ ଓଡ଼ିଶା କ୍ରମାଗତ ଭାବେ ପାଉଛି ରାଜସ୍ୱ ବଳକା ରାଜ୍ୟର ମାନ୍ୟତା । ଉତ୍ତମ ଆର୍ଥିକ ପରିଚାଳନା ଫଳରେ ଓଡ଼ିଶା ନିଜସ୍ୱ ସମ୍ବଳରୁ ଅନେକ ଯୋଜନା ପ୍ରଣୟନ କରିଛି, ଯାହା ଏକ ବଡ଼ ସଫଳତା ।

ସିଏଜି ରିପୋର୍ଟ ଅନୁସାରେ ଓଡ଼ିଶା ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟ ହୋଇପାରିଛି। ଋଣଭାର କମୁଛି, ମୁଣ୍ଡପିଛା ଆୟ ବଢ଼ୁଛି। ଆର୍ଥିକ ପରିଚାଳନା ସୁଦୃଢ଼ ହେଉଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାରଙ୍କ ବିକାଶ ଦେଶ ପାଇଁ ଉଦାହରଣ ହୋଇଛି। ଆର୍ଥିକ ପରିଚାଳନାରେ ଓଡ଼ିଶା ବଡ଼ ବଡ଼ ରାଜ୍ୟମାନଙ୍କୁ ପଛରେ ପକାଇଛି। ସିଏଜି ରିପୋର୍ଟ ଅନୁସାରେ ୨୦୨୨-୨୩ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ମୋଟ ଆର୍ଥିକ ବୋଝ ୧ ଲକ୍ଷ ୧୧ ହଜାର ୯୫୨ ଟଙ୍କା ଥିଲା, ଯାହା ରାଜ୍ୟର ମୋଟ ଘରୋଇ ଉତ୍ପାଦ ବା ଜିଏସଡିପିର ୧୫ ପ୍ରତିଶତ। ୨୦୨୧-୨୨ରେ ତୁଳନାତରେ ୨୦୨୨-୨୩ରେ ରାଜ୍ୟର ଆର୍ଥିକ ବୋଝ ୮୧୮୭ କୋଟି ଟଙ୍କାକୁ ହ୍ରାସ ପାଇଥିଲା। ସିଏଜି ରିପୋର୍ଟରେ ଦର୍ଶାଯାଇଛି ଯେ, ୨୦୨୧-୨୨ରେ ରାଜ୍ୟର ମୋଟ ଆର୍ଥିକ ବୋଝ ଜିଏସଡିପିର ୧୯ ପ୍ରତିଶତ ଥିଲା। ୨୦୨୨-୨୩ରେ ଏହା ୧୫ ପ୍ରତିଶତକୁ ଖସିଛି । ସେହିପରି ସରକାରୀ ଋଣ ୨୦୨୧-୨୨ରେ ୧୧ ପ୍ରତିଶତ ଥିବା ବେଳେ *(ପୃଷ୍ଠା ୭ରେ)*

## ୨୯ ପରେ ବି' ଚାଲିବ ପେଟିଏମ୍ ଆପ୍

ନୂଆଦିଲ୍ଲୀ, ୧୦।୨

ପେଟିଏମ ପେମେଣ୍ଟସ ବ୍ୟାଙ୍କ ଉପରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ବଡ଼ ଘୋଷଣା କରିଛି। ଏହି ଘୋଷଣା ଅନୁଯାୟୀ, ୨୯ ତାରିଖ ପରେ ମଧ୍ୟ ପେଟିଏମ ଆପ ବନ୍ଦ ହେବନାହିଁ ବୋଲି ଆରବିଆଇ କହିଛି।

ପୂର୍ବରୁ ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ପରେ ପେଟିଏମ ବ୍ୟବହାର କରୁଥିବା ଗ୍ରାହକମାନଙ୍କର ସମସ୍ୟା ବଢିଯାଇଥିଲା। ଏହାକୁ ନେଇ ଅନେକଙ୍କର ମନରେ ବିଭିନ୍ନ ପ୍ରଶ୍ନ ରହିଥିଲା କି ପେଟିଏମ୍ ପେମେଣ୍ଟସ ବ୍ୟାଙ୍କ ଏବଂ ପେଟିଏମ୍ ଆପ ଗୋଟିଏ ବୋଲି ଧରି ନେଉଛନ୍ତି। ଏମିତିକି କେତେକ ୟୁଜର ଫେବୃଆରୀ ୨୯ ପରେ ପେଟିଏମ ଆପ ମଧ୍ୟ ବନ୍ଦ ହୋଇଯିବ ବୋଲି ଭୟ କରୁଛନ୍ତି। ତେବେ ଏ ନେଇ ରିଜର୍ଭ ବ୍ୟାଙ୍କ କହିଛି ଯେ, ଫେବ୍ରୁଆରୀ ୨୯ ତାରିଖ ପରେ ପେଟିଏମ ଆପ ବନ୍ଦ ହେବନାହିଁ। ଏହି କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ କେବଳ ପେଟିଏମ ପେମେଣ୍ଟସ ବ୍ୟାଙ୍କ ବିରୋଧରେ ଗ୍ରହଣ କରାଯାଇଛି। ତେଣୁ ପେଟିଏମ ଆପ ଏହାଦ୍ୱାରା ପ୍ରଭାବିତ ହେବନାହିଁ ବୋଲି ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ଣ୍ଣର ସ୍ୱାମୀନାଥନ ଜେ. ସ୍ପଷ୍ଟ ସୂଚନା ଦେଇଛନ୍ତି। *(ପୃଷ୍ଠା ୭ରେ)*



30 YEARS
ସମ୍ବାଦ କଳିକା

# ବିଶ୍ୱ ଅର୍ଥନୈତିକ ଫୋରମ ରିପୋର୍ଟ:ବିଭ୍ରାନ୍ତ କରୁଛି ଏଆଇ

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମାନବ ସମାଜକୁ ବିଭିନ୍ନ ପ୍ରକାରରେ ଗୁରୁତର ଭାବେ ପ୍ରଭାବିତ କରିବ ବୋଲି ବିଶେଷଜ୍ଞମାନେ ବହୁ ପୂର୍ବରୁ ଆକଳନ କରିଛନ୍ତି । ସେହି ପୂର୍ବାନୁମାନ ଧୀରେ ଧୀରେ ସତ ହେବାରେ ଲାଗିଛି । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଶକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ଡିପ୍‌ଫେକ୍ ଭିଡିଓ ମହିଳାମାନଙ୍କ ଆତ୍ମସମ୍ମାନ ପ୍ରତି ବିପଦ ସୃଷ୍ଟି କରିଛି । ଏବେ ବିଶ୍ୱ ଅର୍ଥନୈତିକ ଫୋରମ (ଡବ୍ଲୁଇଏଫ୍) ଏହାର ଏକ ରିପୋର୍ଟରେ ଜଣାଇଛି ଯେ ମାନବ ସମାଜ ଲାଗି ସବୁଠୁ ବଡ଼ ବିପଦ ହେଉଛି ଏଆଇକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ମିଥ୍ୟା ତଥ୍ୟ । ଆଗାମୀ ଦିନରେ ଆମେରିକା, ବ୍ରିଟେନ୍, ଇଣ୍ଡୋନେସିଆ, ଭାରତ, ମେକ୍ସିକୋ ଓ ପାକିସ୍ତାନରେ ନିର୍ବାଚନ ହେବାକୁ ଯାଉଥିବାରୁ ମିଥ୍ୟା ତଥ୍ୟ ବଡ଼ ସମସ୍ୟା ସୃଷ୍ଟି କରିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଡିପ୍‌ଫେକ୍ ଭିଡିଓ ଓ ଛବି ତିଆରି କରି ଲୋକମାନଙ୍କୁ ପ୍ରଭାବିତ କରିବା ଲାଗି ଉଦ୍ୟମ ହେବ ।

ଲୋକମାନେ ସତ କଣ ଜାଣିବା କଷ୍ଟକର ହୋଇପଡ଼ିବ । ମିଥ୍ୟା ତଥ୍ୟ ନିର୍ବାଚିତ ସରକାର ଉପରେ ପ୍ରଶ୍ନ ଉଠାଇବା ଲାଗି ପରିବେଶ ସୃଷ୍ଟି କରିବ । ସେଥିରୁ ସମାଜରେ ଧ୍ରୁବୀକରଣ ହୋଇ ଗଣତନ୍ତ୍ରିକ ବ୍ୟବସ୍ଥା ଦୁର୍ବଳ ହୋଇପଡ଼ିବ ବୋଲି ରିପୋର୍ଟରେ କୁହାଯାଇଛି । ମିଥ୍ୟା ତଥ୍ୟ ସମାଜ ପାଇଁ ସବୁବେଳେ ଏକ ସମସ୍ୟା ହୋଇରହିଛି । ସାମାଜିକ ଗଣମାଧ୍ୟମ ଯୁଗରେ ଏଭଳି ତଥ୍ୟ ଦ୍ରୁତ ଗତିରେ ପ୍ରସାର ହେଉଛି । ଏଆଇର ଶକ୍ତିକୁ ବ୍ୟବହାର କରି ପ୍ରସ୍ତୁତ କରାଯାଉଥିବା ମିଥ୍ୟା ତଥ୍ୟ ଗଣତନ୍ତ୍ରିକ ବ୍ୟବସ୍ଥା ପ୍ରତି ଏକ ବଡ଼ ବିପଦ । ଏହା ସମାଜରେ ଧ୍ରୁବୀକରଣ ଆଣିବ । ବିଶ୍ୱ ଅର୍ଥନୀତିକୁ ବିପଦରେ ପକାଇବ ବୋଲି ଡବ୍ଲୁଇଏଫ ଜଣାଇଛି ।

ସ୍ୱିଜରଲ୍ୟାଣ୍ଡର ଡାଭୋସ୍‌ରେ ଡବ୍ଲୁଇଏଫ ଶିଖର ସମ୍ମିଳନୀ ଆରମ୍ଭ ହେବା ପୂର୍ବରୁ ଏହି ରିପୋର୍ଟ ଜାରି କରାଯାଇଛି । ବିଶ୍ୱର ୧୫୦୦ରୁ ଅଧିକ ବିଶେଷଜ୍ଞ, ଶିଳ୍ପ ନେତୃବୃନ୍ଦ ଏବଂ ନୀତି ନିର୍ଦ୍ଧାରକମାନଙ୍କୁ ନେଇ କରାଯାଇଥିବା ଏକ ଅଧ୍ୟୟନରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି । ରିପୋର୍ଟରେ କୁହାଯାଇଛି ଯେ ଆସନ୍ତା ଦୁଇ ବର୍ଷ ଲାଗି ସମାଜ ପ୍ରତି ସବୁଠୁ ବଡ଼ ବିପଦ ହେଉଛି ମିଥ୍ୟା ତଥ୍ୟ ପ୍ରଯୁକ୍ତି ଦ୍ରୁତ ଗତିରେ ଉନ୍ନତ ହେଉଥିବାରୁ ଏହି ନୂଆ ସମସ୍ୟା ଦେଖାଦେଇଛି । ତେବେ ଦୀର୍ଘକାଳୀନ ଭିତ୍ତିରେ ଜଳବାୟୁ ପରିବର୍ତ୍ତନ ସବୁଠୁ ବଡ଼ ସମସ୍ୟା ହୋଇରହିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି । ଡାଭୋସ ଶିଖର ସମ୍ମିଳନୀରେ ଏଆଇ ଏକ ପ୍ରମୁଖ ପ୍ରସଙ୍ଗ ହେବ । ଚାଟ୍‌ଜିପିଟି ବିକାଶ କରିଥିବା ସଂସ୍ଥା ଓପନ୍‌ଏଆଇର ସିଇଓ ସାମ ଅଲ୍ଟମ୍ୟାନ୍, ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା, ମେଟାର ମୁଖ୍ୟ ଏଆଇ ବୈଜ୍ଞାନିକ ୟାନ ଲିକୁନ ପ୍ରମୁଖ ସେଥିରେ ଯୋଗଦେବେ ।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ



ଶ୍ରୀ ଅଭିରାମ ସରସ୍ୱତୀ

### ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା,
କମଳା, ଶ୍ରୀ ହରପ୍ରିୟା
ଇନ୍ଦିରା, ଲୋକ ମାତା, ମା'
କ୍ଷୀରବ୍ଧୀ ତନୟା ରମା ।'

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ (୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ (୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ମୋର ମୋର କହି ସବୁ
ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ (୧୬୦)

(କ୍ରମଶଃ)

# ଭାଷା ଯେ ଜୀବନୀ ଶକ୍ତି ଜାତିମାନଙ୍କର....



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

କୁହାଯାଏ ମାତୃଭାଷା ମା'ର ଭାଷା - ପ୍ରାଣର ଭାଷା । ମାତୃଭାଷା ସହିତ ପ୍ରତ୍ୟେକ ମଣିଷର ନାଡ଼ିର ସମ୍ପର୍କ ରହିଛି । ଏଣୁ ମାତୃଭାଷାର ପ୍ରସାର ଓ ପ୍ରଚାର ସ୍ନେହ, ଶ୍ରଦ୍ଧା ଓ ସଂପ୍ରୀତିର ବାତାବରଣ ସୃଷ୍ଟି କରିଥାଏ । ଭାଷାଟିଏ ଥିଲା ବୋଲି ଆମେ ଜାଗାଟିଏ ପାଇଲେ । ଭାଷା ହେଲା ଓଡିଆ, ଜାଗା ହେଲା ଓଡ଼ିଶା । ଦୁଇ ଦୁଇ ଥର ସରକାରୀ ଉଦ୍ୟମ ପରେ ବି ଓଡିଆ ଭାଷା ରାଜଭାଷା ହୋଇପାରିନଥିଲା । ମାତ୍ର ୨୦୧୪ ମସିହା ମାର୍ଚ୍ଚ ୧୧ ତାରିଖରେ ଆମ ଭାଷା ଷଷ୍ଠ ଭାରତୀୟ ଭାଷା ଓ ପ୍ରଥମ ଆର୍ଯ୍ୟ ଭାଷା ରୂପେ ଶାସ୍ତ୍ରୀୟ ମାନ୍ୟତା ପାଇଲା । ଏହା ଆମ ଅସ୍ମିତାର ବିଜୟ କହିଲେ ଭୁଲ ହେବ ନାହିଁ । ଏବେ ରାଜ୍ୟ ସରକାର ଗତ ଫେବୃୟାରୀ ୩ ରୁ ୫ ତାରିଖ ପର୍ଯ୍ୟନ୍ତ ପ୍ରଥମ ବିଶ୍ୱ ଓଡିଆ ଭାଷା ସମ୍ମିଳନୀ ଭୁବନେଶ୍ୱର ଠାରେ ଆୟୋଜନ କରି ଆମ ଭାଷାକୁ ବିଶ୍ୱସ୍ତରରେ ପହଞ୍ଚାଇବା ପାଇଁ ଉଦ୍ୟମ କରିଛନ୍ତି ତାହା ପ୍ରଶଂସା ଯୋଗ୍ୟ । ଆଗାମୀ ଦିନରେ ଏହା ଆମ ଭାଷା ସାହିତ୍ୟକୁ ପ୍ରସାର ପ୍ରଚାର କରିବାରେ ସହାୟକ ହେବ । ଏହି ସମ୍ମିଳନୀରେ ଆମ ସାରସ୍ୱତ ସ୍ରଷ୍ଟାମାନଙ୍କର କୃତି ଓ କୀର୍ତ୍ତିକୁ ବଖାଣିବା ସହ ଅନେକ ସାରସ୍ୱତ ସ୍ରଷ୍ଟା ମାନଙ୍କର ଗୁଣଗାନ କରାଯାଇଛି । ଆଦିକବି ସାରଳା ଦାସ, ଭଗବତ ପ୍ରଣେତା ଜଗନ୍ନାଥ ଦାସଙ୍କ ଠାରୁ ଆରମ୍ଭ କରି କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ବ୍ୟାସକବି ଫକୀର ମୋହନ, ପ୍ରକୃତି କବି ଗଙ୍ଗାଧର ମେହେରଙ୍କ ପର୍ଯ୍ୟନ୍ତ ସାରସ୍ୱତ ସ୍ରଷ୍ଟାମାନଙ୍କୁ ସ୍ମରଣ କରିବାର ସୁଯୋଗ ସୃଷ୍ଟି କରାଯାଇଛି। ସମୀକ୍ଷକମାନଙ୍କ ମତରେ ଏବେ ବିଶ୍ୱରେ ପ୍ରାୟ ୬ ରୁ ୭ ହଜାର ଭାଷା ରହିଛି । କିନ୍ତୁ ଆଗାମୀ ଏକବିଂଶ ଶତାବ୍ଦୀ ଶେଷ ସୁଦ୍ଧା ହୁଏତ ଏଥିରୁ ୯୦ ଭାଗ ଭାଷାର ଅସ୍ତିତ୍ୱ ଲୋପ ପାଇବ । କାରଣ ଅଧୁନା ବିଶ୍ୱର ଶତକଡା ୯୫ ଭାଗ ଲୋକ ମାତ୍ର ୧୦୦ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି । ଆହୁରି ଆଶ୍ଚର୍ଯ୍ୟର କଥା ଯେ ବିଶ୍ୱରେ ପ୍ରାୟ ଅର୍ଦ୍ଧେକ ଲୋକ ମାତ୍ର ୮ଟି ଭାଷାରେ କଥାବାର୍ତ୍ତା ହେଉଛନ୍ତି ଯଥା - ଚୀନ, ସ୍ପେନିଶ୍,ଇଂରାଜୀ, ହିନ୍ଦି,ରୁଷ୍, ବଙ୍ଗଳା, ଆରବୀ ଓ ପର୍ତ୍ତୁଗୀଜ । ଏପରିସ୍ଥଳେ ଭାଷାର ସୁରକ୍ଷା ପାଇଁ ପ୍ରତ୍ୟେକ ଦେଶ ନିଜକୁ ପ୍ରସ୍ତୁତ କରୁଛନ୍ତି । ଏହି କଥାକୁ ଲକ୍ଷ୍ୟ ରଖି "ୟୁନେସ୍କୋ" ତରଫରୁ ୨୦୦୦ ମସିହାରୁ ଫେବୃଆରୀ ୨୧ ତାରିଖକୁ ଆନ୍ତର୍ଜାତିକ ମାତୃଭାଷା ଦିବସ ରୂପେ ପାଳନ କରାଯାଉଛି । ଉଦ୍ଦେଶ୍ୟ ହେଲା ବିଶ୍ୱରେ ଭାରତ ପରି ବହୁଭାଷାଭାଷୀ ଦେଶରେ ପ୍ରତ୍ୟେକ ରାଜ୍ୟ ତା'ର ମାତୃଭାଷାକୁ ସମଭାବରେ ସମ୍ମାନ ଦେଲେ ରାଜ୍ୟରାଜ୍ୟ ମଧ୍ୟରେ ତଥା ଦେଶରେ ସ୍ନେହ, ଭାଇଚାରା ଓ ସ୍ୱଦେଶପ୍ରେମ ଜାଗ୍ରତ ହେବ । ଏପରି ହେଲେ ରାଜ୍ୟର ସମୃଦ୍ଧି ହେବ ଓ ସାମଗ୍ରିକ ଭାବେ ଦେଶର ମଧ୍ୟ ସମୃଦ୍ଧି ହେବ । ୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଘାତ ପ୍ରତିଘାତ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସ,ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ, ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓ ଓ ଅନ୍ୟାନ୍ୟ ବରପୁତ୍ରମାନଙ୍କ ଉଦ୍ୟମ ଫଳରେ ଓଡିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱପ୍ନ ସାକାର ହେଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୮ ବର୍ଷ ପରେ ବି ଦିନକୁ ଦିନ ଆମ ଭାଷାର ଅବକ୍ଷୟ ଘଟୁଛି । ଆମ ଭାଷା ପ୍ରତି ଆମର ମମତା ନାହିଁ, ନାହିଁ ମଧ୍ୟ ଆନ୍ତରିକତା । ଭାଷାର ପ୍ରସାର ପ୍ରଚାର ଦୂରର କଥା, ଓଡିଆ ଭାଷାରେ ପ୍ରକାଶିତ ଦୁର୍ଲଭ ଗ୍ରନ୍ଥ ସବୁ ପଢିବାରେ ଆମର ଆଗ୍ରହ ନାହିଁ । ପତ୍ରପତ୍ରିକା, ନାଟକ, ଉପନ୍ୟାସ, ଗଳ୍ପ ଓ କବିତା କଥା ପଚାରେ କିଏ ? ହିନ୍ଦୀ, ବଙ୍ଗଳା, ଇଂରାଜୀ ପତ୍ରପତ୍ରିକା ପ୍ରେମରେ ଆମେ ପଡିଯାଇଛୁ । ଅଥଚ ଓଡିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ ।

ଏକ ତଥ୍ୟ ମୁତାବକ, ସମଗ୍ର ଓଡିଶାରେ ୫୮ ପ୍ରକାର କଥିତ ଭାଷା ପ୍ରଚଳିତ ଅଛି । ତେବେ ଓଡିଶାରେ ଓଡିଆ ଭାଷା ବ୍ୟବହାର କରୁଥିବା ଲୋକଙ୍କ ସଂଖ୍ୟା ସର୍ବାଧିକ । ରାଜ୍ୟର ପ୍ରାନ୍ତୀୟକ୍ଷେତ୍ର ପଶ୍ଚିମ ଓଡିଶାରେ ସମ୍ବଲପୁରୀ (କୋଶଳି) ଓ ମିଶ୍ର ହିନ୍ଦୀ ଭାଷା, ଦକ୍ଷିଣ ଓଡିଶାରେ ବ୍ରହ୍ମପୁରୀ ଓ ମିଶ୍ର ତେଲଗୁ ଭାଷା, ଉତ୍ତର ଓଡିଶାରେ ମିଶ୍ର ବଙ୍ଗଳା ଭାଷାର ପ୍ରଚଳନ ଦେଖାଯାଏ । ରାଜ୍ୟରେ ଥିବା ଆଦିବାସୀମାନଙ୍କର ନିଜସ୍ୱ ଭାଷା ଯଥା - ସାନ୍ତାଳି, ମୁଣ୍ଡା, କନ୍ଧ, କୋୟା, ବଣ୍ଡା ଇତ୍ୟାଦି ରହିଛି । ଏତଦ୍‌ବ୍ୟତୀତ ଅନ୍ୟାନ୍ୟ ଭାଷା ମଧ୍ୟରେ ଅସମୀୟ, ହିନ୍ଦୀ, ବଙ୍ଗଳା, ଉର୍ଦ୍ଦୁ, ତେଲଗୁ ଆଦି ଭାଷା ମଧ୍ୟ ବ୍ୟବହୃତ ହୁଏ । ପରିବର୍ତ୍ତିତ ପରିସ୍ଥିତିରେ ଭାଷାର ପ୍ରସାର ପ୍ରଚାର ତ ଦୂରର କଥା ଓଡିଆ ଭାଷାରେ କଥାବାର୍ତ୍ତା ହେଉଥିବା ଲୋକଙ୍କ ସଂଖ୍ୟା ବେଳକୁ ବେଳ କମିବାରେ ଲାଗିଛି । ମା'ର ଭାଷା, ମାଟିର ଭାଷା ଆମପାଇଁ ଅଲୋଡା ହୋଇଯାଇଛି । ମାହାତ୍ମାଗାନ୍ଧୀ କହିଥିଲେ, "ଜଣେ ଭାରତବାସୀ ନିଜ ମାତୃଭାଷା ଭୁଲିଯିବା, ଅବହେଳା କରିବା ବା ନିଜର ମାତୃଭାଷା ବ୍ୟବହାର କରୁଛି ବୋଲି ଲଜ୍ଜା ଅନୁଭବ କରିବା, ନିଜ ମାତୃଭାଷାରେ ଶ୍ରେଷ୍ଠ ଚିନ୍ତା ପ୍ରକାଶ କରିବାକୁ ଅସମର୍ଥ ହେବା ଏକଥା ମୁଁ ସେମାନଙ୍କୁ ଅନୁଭବ କରିବାକୁ ଦେବିନାହିଁ" । ଜାପାନ ଓ ଚୀନ ଦେଶରେ ମାତୃଭାଷାରେ ସବୁକାର୍ଯ୍ୟ ଚାଲିଛି । ସେହି ଦୁଇଦେଶ ଆଜି ବିଜ୍ଞାନ, ଅର୍ଥ, ପ୍ରଯୁକ୍ତି ବିଦ୍ୟା, ସାହିତ୍ୟ ସବୁଦିଗରେ ବିଶ୍ୱ ଦରବାରରେ ନିଜକୁ ପ୍ରତିଷ୍ଠା କରିସାରିଲେଣି । ସେମାନଙ୍କ ଠାରୁ ଆମକୁ ବହୁତ କିଛି ଶିଖିବାର ଅଛି। ଇତି ମଧ୍ୟରେ ଶାସ୍ତ୍ରୀୟ ମାନ୍ୟତା ପାଇବା ୧୦ ବର୍ଷରେ ପହଚିଂଛି। ଏହି ସମୟ ମଧ୍ୟରେ ଆମ ଭାଷାର ସ୍ଥିତି ଓ ପ୍ରଗତି କେତେ ଦୂର ଆଗେଇଛି ତାହା ସମୀକ୍ଷା କରିବାର ସମୟ ଆସିଛି। ଖାଲି ସରକାରୀ ମାନ୍ୟତା ପାଇଗଲେ ଭାଷାର ଅଭିବୃଦ୍ଧି ଓ ସଂରକ୍ଷଣ ହୋଇପାରିବ ଏହା ଭାବିବା ଠିକ ନୁହେଁ । ଏଥିପାଇଁ ଆମକୁ ମାନସିକ ସ୍ତରରେ ହୀନମନ୍ୟତା ପରିହାର କରିବାକୁ ପଡିବ। ବ୍ୟାସକବି ଫକୀର ମୋହନଙ୍କ ଭାଷାରେ- "ଭାଷା ଯେ ଜୀବନୀ ଶକ୍ତି ଜାତି ମାନଙ୍କର, ଯେଉଁ ଜାତି ଭାଷା ହୀନ ସେ ଜାତି ବର୍ବର"। ଏସବୁ ସତ୍ତ୍ୱେ ଆଧୁନିକ ଭାରତରେ ଅନ୍ୟାନ୍ୟ ରାଜ୍ୟ ଓ ଭାଷା ତୁଳନାରେ ଆମ ଭାଷାର ପ୍ରଚାର ଓ ପ୍ରସାର ଆଶାନୁରୂପ ହୋଇପାରିନାହିଁ । ଭାଷା କେବଳ ସରକାରୀ ହୋଇଗଲେ ବଞ୍ଚିଯିବ ଏହା ଭବିବା ଭୁଲ୍। ଭାଷା ପ୍ରତି ଆମ ହୃଦୟରେ ମମତା ରହିଲେ ହିଁ ଏହା ବଞ୍ଚିବ।

# ଭାଲେଣ୍ଟାଇନ୍ ଡ଼େ' ସତରେ କ'ଣ ଏକ 'ପ୍ରେମ ଦିବସ' ?



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ପ୍ରତିବର୍ଷ ଫେବୃଆରୀ ମାସ ୧୪ ତାରିଖକୁ ଭାଲେଣ୍ଟାଇନ୍ ଡେ ବା ପ୍ରେମ ଦିବସ ଭାବେ ପାଳନ କରା ଯାଉଅଛି, ଯୁବକ ଯୁବତୀ ମାନେ ଏହି ଦିବସକୁ ମନଭରି ଉପଭୋଗ କରିବା ସହିତ କିଛି ଅନୈତିକ କାର୍ଯ୍ୟରେ ମଧ୍ୟ ନିଜକୁ ସାମିଲ କରି ଦେଇ ଥା'ନ୍ତି ଯାହାକି ପରବର୍ତ୍ତୀ ସମୟରେ ଏକ ସମସ୍ୟା ହୋଇ ଠିଆ ହୁଏ । ଭାଲେଣ୍ଟାଇନ୍ ଡେ ପରି ଏକ ପାଶ୍ଚାତ୍ୟ ପରମ୍ପରାକୁ ଆମ ଭାରତୀୟ ସଂସ୍କୃତି ଖୁବ ଶୀଘ୍ର ଆପଣେଇ ନେଇଛି , ଗତ ୧୫ / ୨୦ ବର୍ଷ ଭିତରେ ଏହା ଅନ୍ଧ ଭାବେ ଆଗକୁ ଆଗକୁ ମାଡି ଚାଲିଛି ଯାହାର ଆଦି ନାହିଁ କି ଅନ୍ତ ନାହିଁ କିମ୍ବା ଆମ ସଂସ୍କୃତି ସହିତ କୌଣସି ତାଳ ମେଳ ନାହିଁ । ସତ କହିବାକୁ ଗଲେ ୯୦ ପ୍ରତିଶତ ଯୁବକ, ଯୁବତୀ ଭାଲେଣ୍ଟାଇନ୍ ଡ଼େ' ବିଷୟରେ ସମ୍ପୂର୍ଣ୍ଣ ଜାଣି ନଥିବେ ବା ଭୁଲ ତଥ୍ୟକୁ ଆଧାର କରି ମାଡ଼ି ଚାଲିଛନ୍ତି । ଅନ୍ଧାରରେ ବାଡ଼ି ବୁଲାଇବା ପରି ଯାହା ପାଇଲେ ତାକୁ ନେଇ କିଛି ଗୋଟିଏ ଦିବସର ଆଖ୍ୟା ଦେଇ ନିଜର ଫାଇଦା ଉଠାଇବା ପାଇଁ ଆମ ବ୍ୟବସାୟୀ ଗୋଷ୍ଠୀ ମଧ୍ୟ ତତ୍ପର । ବର୍ଷକ ୩୬୫ ଦିନ ଆଉ ପ୍ରତିଦିନ କିଛି ନା' କିଛି ଡ଼େ' ଥାଏ କାରଣ ପାଶ୍ଚାତ୍ୟ ଦେଶ ମାନେ ଏହାକୁ ପାଳନ କରିଥାନ୍ତି । ଏଥିରେ କେତେ ସତ୍ୟତା ଥାଏ ସେହି ମାନେ ହିଁ ଜାଣନ୍ତି , କାରଣ ଯଦି ବର୍ଷକୁ ୩୬୫ ଦିନ କିଛି ନା କିଛି ଦିବସ ପାଳନ କରିବେ ତେବେ କାମ କରିବେ କେତେ ବେଳେ ? ଆଉ ଦେଶ କ'ଣ ଖାଲି ବିଭିନ୍ନ ଦିବସକୁ ନେଇ ଚାଲିବ ? ଲୋକେ ନିଜର ଗୁଜୁରାଣ ମେଣ୍ଟାଇବେ କିପରି ? ଛାଡ଼ନ୍ତୁ ସେକଥା ଏବେ ଆମେ ଏଇ "ପ୍ରେମ ଦିବସ" କଥା ଉପରକୁ ଆସିବା ।

ଇତିହାସ କହେ ତୃତୀୟ ଶତାବ୍ଦୀରେ ରୋମ ସମ୍ରାଟ ଦ୍ୱିତୀୟ କ୍ଲାଉଡିଆସ୍ ଏକ କ୍ରୋଧୀ ରାଜା ଥିଲେ , ସେହି ସମୟରେ ସେଣ୍ଟ ଭାଲେଣ୍ଟାଇନ୍ ନାମକ ଏକ ଧର୍ମ ଯାଜକ ରୋମ୍ ନଗରୀରେ ବାସ କରୁଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ଅନେକ ରୋମ୍ ନିବାସୀଙ୍କୁ ଖ୍ରୀଷ୍ଟଧର୍ମକୁ ଧର୍ମାନ୍ତରୀ କରଣ କରାଇଥିଲେ, ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଜଣେ ପାଗନ୍ (ଯେଉଁମାନେ ଅନେକ ଦେବା ଦେବୀ ପୂଜା କରନ୍ତି ) ଥିଲେ ଏବଂ ଖ୍ରୀଷ୍ଟିଆନ ମାନଙ୍କୁ ଯାହା କରିବାକୁ ଅନୁମତି ଦିଆ ଯାଇଥିଲା ସେ ସମ୍ବନ୍ଧରେ କଠୋର ନିୟମ ତିଆରି କରିଥିଲେ । ସେଣ୍ଟ ଭାଲେଣ୍ଟାଇନ୍ ରୋମ ରାଜାଙ୍କ ନିର୍ଦ୍ଦେଶ କୁ ଖାତିର ନକରି ନିଜ କାର୍ଯ୍ୟରେ ଅଟଳ ଥିଲେ। ଏହା ଖ୍ରୀଷ୍ଟ ପର ୨୭୧ ମସିହା କଥା । ସେତେବେଳେ ସମ୍ରାଟ ନିଜ ସୈନ୍ୟ ମାନଙ୍କୁ ବିବାହ ପାଇଁ ଅନୁମତି ଦେଉ ନଥିଲେ, ହୁଏତ ସେ ଭାବୁଥିଲେ ବିବାହ ପରେ ସୈନ୍ୟ ମାନଙ୍କର ଶରୀର ଦୁର୍ବଳ ହୋଇଯିବ ବା ସେମାନେ ପାରିବାରିକ ସମସ୍ୟା ଭିତରେ ଯୁଦ୍ଧ ପାଇଁ ସେତେଟା ଉପଯୁକ୍ତ ସାବ୍ୟସ୍ତ ହେବେ ନାହିଁ । ସେଣ୍ଟ ଭାଲେଣ୍ଟାଇନ୍ ଲୁଚା ଛପାରେ ସେମାନଙ୍କ ବିବାହ କରାଇ ସେମାନଙ୍କୁ ଖ୍ରୀଷ୍ଟ ଧର୍ମରେ ସାମିଲ କରୁଥିଲେ। ଏସବୁ ଦେଖି ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ ଉତ୍କ୍ଷିପ୍ତ ହୋଇ ସେଣ୍ଟ ଭାଲେଣ୍ଟାଇନ୍ କୁ ରାଜଦ୍ରୋହ ଅଭିଯୋଗ ରେ ମୃତ୍ୟୁଦଣ୍ଡ ଘୋଷଣା କରି ତାଙ୍କୁ ବନ୍ଦୀ ଗୃହରେ ରଖି ଥିଲେ, ସେଣ୍ଟ ଭାଲେଣ୍ଟାଇନ୍ ସମ୍ରାଟଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ ଆଦୌ ପସନ୍ଦ କରୁନଥିଲେ । ସେ ରହୁଥିବା କାରାଗାରର କାରାପାଳଙ୍କ ଦୃଷ୍ଟିହୀନ ଝିଅଙ୍କୁ ନିଜର ଐଶ୍ୱରିକ ଶକ୍ତି ଦ୍ୱାରା ଦୃଷ୍ଟିଶକ୍ତି ଫେରାଇ ପାରିଥିଲେ, କାରାପାଳଙ୍କ ଝିଅ ଦୃଷ୍ଟିଶକ୍ତି ଫେରି ପାଇବା ପରେ ସେଣ୍ଟ ଭାଲେଣ୍ଟାଇନଙ୍କୁ କାରାପାଳ ଟିକେ ସହାନୁଭୂତି ଦେଖାଇ ଥିଲେ । ପ୍ରାଚୀନ ରୋମୀୟ ମାନେ ମଧ୍ୟ ଆମର ଆଧୁନିକ "ପ୍ରେମ ଦିବସ' ନାମ ପାଇଁ ଦାୟୀ ହୋଇପାରନ୍ତି । ତୃତୀୟ ଶତାବ୍ଦୀର ଚର୍ଚ୍ଚ ପରମ୍ପରା ଅନୁଯାୟୀ ଫେବୃଆରୀ ୧୪ ଖ୍ରୀଷ୍ଟାବ୍ଦ ୨୬୯ ମସିହାରେ ସମ୍ରାଟ କ୍ଲାଉଡିୟସ୍ ଦ୍ୱିତୀୟ, ଭାଲେଣ୍ଟାଇନ୍ ନାମକ ଦୁଇଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଥିଲେ। ମୃତ୍ୟୁ ପୂର୍ବରୁ ଭାଲେଣ୍ଟାଇନ କାରାପାଳଙ୍କ ଝିଅକୁ ଏକ ପ୍ରେମ ପତ୍ର ଲେଖି ନିଜେ ସ୍ୱାକ୍ଷର କରିଥିଲେ ପତ୍ର ଶେଷରେ 'ତୁମର ଭାଲେଣ୍ଟାଇନ୍' ଲେଖାଥିଲା । ଏହା ତାଙ୍କର ଅନାବିଳ ପ୍ରେମର ନିଦର୍ଶନ କହିଲେ ଅତ୍ୟୁକ୍ତି ହେବ ନାହିଁ । ତେବେ ଏଠାରେ ଭାଲେଣ୍ଟାଇନଙ୍କ ସ୍ମୃତି ଉଦ୍ଦେଶ୍ୟରେ ପାଳନ କରାଯାଉଥିବା ପ୍ରେମ ଦିବସରେ କିଏ କାହା ପାଇଁ ମୃତ୍ୟୁ ଦଣ୍ଡ ଭୋଗୁଛି ? କିଏ କାହାର ଦୃଷ୍ଟିଶକ୍ତି ଫେରାଇ ଦେଉଛି ? ଭାଲେଣ୍ଟାଇନ କାରା ପାଳଙ୍କ ଝିଅକୁ କି ପ୍ରକାର ପ୍ରେମ କରୁଥିଲେ ? ଏବଂ ଆମ ସମାଜରେ ବର୍ତ୍ତମାନ ଯୁବ ପିଢ଼ି କି ପ୍ରକାର ପ୍ରେମ କରୁଛନ୍ତି ତାହା ନ'କହିବା ଭଲ ।

ଆଜିର ସମାଜରେ ଉନ୍ମତ୍ତ ଯୁବକ ଯୁବତୀ ମାନେ ପ୍ରେମର ସଂଜ୍ଞା ନ' ଜାଣି କେବଳ କାମନା ବାସନାର ବଶବର୍ତ୍ତୀ ହେବା ସହିତ ନିଜର ପରମ୍ପରାକୁ ଭୁଲିଯାଇ ପାଶ୍ଚାତ୍ୟ ପରମ୍ପରା କୁ ଖୁବ୍ ସହଜରେ ଆପଣେଇ ନେବାରେ କୌଣସି କାର୍ପଣ୍ୟତା ପ୍ରକାଶ କରୁ ନାହାନ୍ତି । 'ପ୍ରେମ ଦିବସ' ଏକ ପାଶ୍ଚାତ୍ୟ ପରମ୍ପରା ଏହା ସହିତ କିଛି ମୁଷ୍ଟିମେୟ ବ୍ୟକ୍ତିଙ୍କ ବ୍ୟବସାୟିକ ଉଦ୍ଦେଶ୍ୟ ଜଡିତ, ଅନେକ ପ୍ରେମ ସମ୍ବଳିତ ରଙ୍ଗ ବେରଂଗର ଉପହାର ସାମଗ୍ରୀ ବିକ୍ରି ହେବ ଏହାର ଲାଭ କିଏ ପାଇବେ ? ସେଇ ବ୍ୟବସାୟୀ ଯେଉଁମାନେ ପାଶ୍ଚାତ୍ୟ ପରମ୍ପରା କୁ ବିଭିନ୍ନ ଉପାୟରେ ଯୁବ ପିଢ଼ି ଙ୍କ ଉପରେ ଲଦି ଦେଉଛନ୍ତି ତଥା ଭାରତୀୟ ବଜାରରେ ବହୁଳ ଭାବେ ପ୍ରସାରିତ କରିବା ସହିତ ବ୍ୟବସାୟ ବଢାଇ ଚାଲିଛନ୍ତି । "ପ୍ରେମ ଦିବସ" ର ତାଳେ ତାଳେ ବିବାହ ବିଚ୍ଛେଦର କରୁଣ ପରିଣତି ମଧ୍ୟ ଆମ ସମାଜରେ ବହୁଳ ପରିମାଣରେ ଦେଖିବାକୁ ମିଳୁଛି , ଏହାର କାରଣ କଣ ? ପ୍ରେମ ଯଦି ଶାଶ୍ୱତ ହୁଏ, ଭଲ ପାଇବାରେ ଯଦି କଳଙ୍କ ନଥାଏ , ପରସ୍ପର ଭିତରେ ଯଦି ମନକୁ ମନ ମିଶୁ ଥାଏ ତେବେ ଏଇ ଲୋକ ଦେଖାଣିଆ "ପ୍ରେମ ଦିବସ" ର ଆବଶ୍ୟକତା ରହିଲା କେଉଁଠି ? ସନାତନ ଧର୍ମରେ ମଧ୍ୟ ଅନେକ ମୁନିଋଷି ଅଲୌକିକ କାର୍ଯ୍ୟ କରି ଯାଇଛନ୍ତି କାହିଁ ତାଙ୍କ ପାଇଁ ତ ଦିନଟିଏ ଆମେ ଚିନ୍ତା କରୁନାହୁଁ ବା ତାଙ୍କ ନାମରେ ଦିନଟିଏ ପାଳନ କରୁନାହୁଁ ? ସନାତନ ଧର୍ମ ପାଇଁ ସ୍ୱାମୀ ବିବେକାନନ୍ଦଙ୍କ ଅବଦାନ କଣ ଭୁଲି ହେବ ? ତେବେ ନିଜ ସଂସ୍କୃତିକୁ ଜଳାଞ୍ଜଳି ଦେଇ ସେଣ୍ଟ ଭାଲେଣ୍ଟାଇନଙ୍କ ପାଇଁ ବନ୍ଧୁ ଗଣ ଏତେ ପାଗଳ କାହିଁକି ହେଉଛ ? ମୋର ଜଣେ ଆମେରିକୀୟ ପତ୍ର ବନ୍ଧୁ ( ମହିଳା ) ୧୯୭୨ ମସିହା ଫେବୃଆରୀ ମାସରେ ଭାଲେଣ୍ଟାଇନ ଡେ କାର୍ଡ ଖଣ୍ଡିଏ ଦେଇଥିଲେ ଅବଶ୍ୟ ସେତେବେଳେ ମୁଁ ଏହାର ବିନ୍ଦୁ ବିସର୍ଗ କିଛି ବୁଝି ନଥିଲି, ସେହି କାର୍ଡ ଖଣ୍ଡିକ ଆଜି ମଧ୍ୟ ସାଇତି ରଖିଛି ଏବଂ ଏବେ ବୁଝୁଛି ଭାଲେଣ୍ଟାଇନ ଡେର ଇତିହାସ । ଥରେ ଗୋଟିଏ ସଭାରେ ସାମ୍ବାଦିକ ମାନେ ଚଳଚ୍ଚିତ୍ର ତାରକା ସାଇରାବାନୁଙ୍କୁ ପଚାରି ଥଲେ ଏଇ ଭାଲେଣ୍ଟାଇନ୍ ଦିନ ସେ ତାଙ୍କ ସ୍ୱାମୀ ଦିଲୀପ କୁମାରଙ୍କୁ କ'ଣ ଉପହାର ଦେଉଛନ୍ତି ? ଉତ୍ତର ଥିଲା ଫେବୃଆରୀ ୧୪ ଭାଲେଣ୍ଟାଇନ୍ ଡେ' ଆମପାଇଁ ସବୁଦିନ ଥାଏ ତେଣୁ ଏଥିରେ କୌଣସି ସ୍ୱତନ୍ତ୍ରତା ନାହିଁ । ଭଲପାଇବା କିଛି ଖରାପ ନୁହେଁ, ପ୍ରେମ ପାପ ନୁହେଁ, ତାଜମହଲ ଗଢ଼ିଥିବା ସାହାଜାହାନ୍ ମଧ୍ୟ ପ୍ରେମର ପ୍ରତୀକ ଛାଡ଼ି ଯାଇଛନ୍ତି ଯାହାକି ଆଜି ବିଶ୍ୱରେ ସପ୍ତାଶ୍ଚର୍ଯ୍ୟ ଭିତରୁ ଏକ ସ୍ମାରକୀ । ଏହା ପଛର କରୁଣ କାହାଣୀ ଆଜି ମଧ୍ୟ ଅନେକ ଲୋକ ଜାଣି ନାହାନ୍ତି। ଧଳା ଶଙ୍ଖ ମର୍ମର ପ୍ରସ୍ତରର ପଛପଟ କଳା ଇତିହାସ ଅତିବ କରୁଣ ତଥା ମର୍ମସ୍ପର୍ଶୀ । ଛାଡ଼ନ୍ତୁ , ନାନା ମୁନିଙ୍କ ନାନା ମତ ତେଣୁ କାହାରି କ୍ରୋଧର ଶିକାର ହେବା ପୂର୍ବରୁ ଯଦି କାହାରିକୁ ବାଧିଲା ପରି ଲେଖି ଥାଏ କ୍ଷମା ଚାହୁଁଛି। ଗଣତନ୍ତ୍ର ଶାସନରେ ସମସ୍ତେ ନିଜ ବୁଦ୍ଧି ବିବେକ ଖଟାଇ କାର୍ଯ୍ୟ କରିବା ଉଚିତ, ସମସ୍ତଙ୍କର ସାମ୍ବିଧାନିକ ଅଧିକାର ଅଛି। ଏତିକି ଅନୁରୋଧ ଭାରତୀୟ ପରମ୍ପରା ଏବଂ ସଂସ୍କୃତିକୁ ଜଳାଞ୍ଜଳି ଦିଅନ୍ତୁ ନାହିଁ।

# ସମାନତା ଜନ୍ମଗତ ଅଧିକାର



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦର୍ଶନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସମାନତା ହେଉଛି ମନୁଷ୍ୟର ଜନ୍ମଗତ ଅଧିକାର। ଏ ଅଧିକାର ତାକୁ ପ୍ରକୃତି ପ୍ରଦାନ କରିଛି। ଜନ୍ମ ଆଧାରରେ କାହାକୁ ଉଚ୍ଚ କିମ୍ବା ନୀଚ କୁହାଯାଇ ପାରିବ ନାହିଁ। ଯେଉଁ ପ୍ରକ୍ରିୟା ମଧ୍ୟଦେଇ ସେ ଜନ୍ମ ନିଏ, ସେଥିରେ କୌଣସି ଅସମାନତା ନାହିଁ। ତାର ଜନ୍ମ ପ୍ରକୃତିର ଏକ ବ୍ୟବସ୍ଥିତ ପ୍ରକ୍ରିୟା ମଧ୍ୟରେ ହୁଏ। ଯେଉଁଥିରେ ଉଚ୍ଚ-ନୀଚର ସୋପାନ ନାହିଁ। ମନୁଷ୍ୟର ଜନ୍ମ ମୁକ୍ତ, କିନ୍ତୁ ଜନ୍ମପରେ ସେ ବନ୍ଧନ ଯୁକ୍ତ ହୁଏ। ଜନ୍ମ ହେଲାପରେ ଅନେକ ବନ୍ଧନରେ ସେ ବାନ୍ଧି ହୋଇଯାଏ। ଏ ସମସ୍ତ ବନ୍ଧନ ପ୍ରକୃତିଦତ୍ତ ନୁହେଁ। ଏଗୁଡିକ ମନୁଷ୍ୟକୃତ। ପିଲାଟି ଭୂମିଷ୍ଠ ହେବାମାତ୍ରେ କେବଳ ମୁକ୍ତପବନ ଓ ସ୍ୱଚ୍ଛ ଆଲୋକ ସ୍ପର୍ଶକରେ ନାହିଁ, ଏହା ସହିତ ଜାତି, ଧର୍ମ, ବଂଶ, ଗୋତ୍ର, ଗୋଷ୍ଠୀ ଇତ୍ୟାଦିର ବନ୍ଧନ ମଧ୍ୟ ତାକୁ ଜାବୁଡି ଧରେ। ସେ ସାମାଜିକ ଅସମାନତା ଓ ବାଛବିଚାରର ସମ୍ମୁଖୀନ ହୁଏ। ପ୍ରକୃତି ଏକ ସ୍ୱଚ୍ଛ ଓ ମୁକ୍ତ ବ୍ୟବସ୍ଥା ଯାହା ନିୟନ୍ତ୍ରଣାଧୀନ ନୁହେଁ। ଏହା ଏପରି ଏକ ବ୍ୟବସ୍ଥା ଯେଉଁଥିରେ ଅସମାନତା ନାହିଁ। ସମସ୍ତ ଅସମାନତା ମନୁଷ୍ୟ ତିଆରି।

ମନୁଷ୍ୟର ସ୍ୱାର୍ଥପରତାରୁ ଜନ୍ମ ନେଇଛି ଅସମାନତା। ନିଜକୁ ବଡ ଦେଖାଇବାର ମାନସିକତା, ନିଜେ ଶ୍ରେଷ୍ଠ ଓ ଅନ୍ୟମାନେ ନିକୃଷ୍ଟ, ଆମ ବିଶ୍ୱାସ ଉନ୍ନତ ଓ ଅନ୍ୟମାନଙ୍କ ବିଶ୍ୱାସ ଅନୁନ୍ନତ, ଆମେ ଯାହା କହୁ ଓ କରୁ ତାହା ଠିକ୍, ତେଣୁ ଆମେ ଉପରେ ରହିବା ଓ ଅନ୍ୟମାନେ ଆମ ତଳେ ରହିବେ ଇତ୍ୟାଦି ଅମାନବୀୟ ଭାବନାରୁ ଜାତ ହୁଏ ଅସମାନତା। ଏହିପରି ଭାବନାରୁ ଜାତ ହୁଏ ଜାତି, ଧର୍ମ, ଗୋଷ୍ଠୀ, ସମ୍ପ୍ରଦାୟ ଇତ୍ୟାଦିର ଅବଧାରଣା। ନିଜକୁ ଶ୍ରେଷ୍ଠବୋଲି ପ୍ରଦର୍ଶିତ କରିବା ପଛରେ କେତେକ ଚାଲାକ ଲୋକଙ୍କ ପାଇଁ ସାମାଜିକ ସମ୍ମାନ ଓ ଏହାକୁ ନେଇ ଆର୍ଥିକ ଲାଭ ପାଇବାର ଅଭିପ୍ରାୟ ଥାଏ। ଏହି ଲକ୍ଷ୍ୟରେ ଏମାନେ ଏକ ଅସମ ସମାଜ ଗଠନ କରନ୍ତି। ଏହାକୁ ଯୁକ୍ତିସଙ୍ଗତ କରିବା ପାଇଁ ଧର୍ମ ଓ ପରମ୍ପରାର ଆଶ୍ରା ନିଅନ୍ତି। ଅସମାନତା ଉପରେ ଧର୍ମର ଆସ୍ତରଣ ବିଛାନ୍ତି। କିଛି ଅନ୍ଧବିଶ୍ୱାସୀ ଓ ଅନ୍ଧଭକ୍ତ ସୃଷ୍ଟି କରନ୍ତି, ଯେଉଁମାନେ ଶୋଷିତ ଓ ଉର୍ପିତ ହେଲେବି ପ୍ରତିକ୍ରିୟା ପ୍ରକାଶ କରନ୍ତି ନାହିଁ। ଏମାନେ ଭାବିନିଅନ୍ତି ଏହାହିଁ ପ୍ରକୃତିର ନିୟମ। ଏ ଅସମାନତା ପ୍ରାକୃତିକ।

ସେହିପରି ଆର୍ଥିକ ଅସମାନତା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ। ଜନ୍ମହେବା ମାତ୍ରେ ଏ ବିଶ୍ୱ ଉପରେ ସମସ୍ତଙ୍କ ସମାନ ଅଧିକାର ଥାଏ। ବିଶ୍ୱ ପ୍ରକୃତିକୁ ସମାନଭାବେ ଉପଭୋଗ କରିବା ଜଣକର ଜନ୍ମଗତ ଅଧିକାର। ସମାଜରେ ଧନୀ ଓ ଗରିବର ସୃଷ୍ଟି ପ୍ରକୃତି ପ୍ରଦତ୍ତ ନୁହେଁ। ଏହା ମଧ୍ୟ ସ୍ୱାର୍ଥପର ମନୁଷ୍ୟର କୃତ୍ରିମ ସୃଷ୍ଟି। ଧନୀ ଓ ଗରୀବର ପାର୍ଥକ୍ୟ ପଛରେ ରହିଛି ଆର୍ଥିକ ଶୋଷଣ। ଯିଏ ଯେତେ ପ୍ରାକୃତିକ ସମ୍ପଦକୁ ନିଜ ଅକ୍ତିୟାରରେ ରଖିପାରେ କିମ୍ବା ଏହାର ମୂଲ୍ୟ ବାବଦକୁ ରାଷ୍ଟ୍ର ଜାରିକରି ଥିବା ପ୍ରତୀକ ଟଙ୍କାକୁ ଠୁଳ କରିପାରେ ସେ ସେତେ ଧନୀ। ଯାହା ପାଖରେ ଏସବୁ ନଥାଏ ସେ ହୁଏ ନିର୍ଦ୍ଧନୀ। ଧନୀ ଘରେ ଯିଏ ଜନ୍ମ ହେଲା ସେ ଜନ୍ମରୁ ଧନୀ ଓ ଗରୀବ ଘରେ ଜନ୍ମ ନେଲେ ସେ ଜନ୍ମରୁ ଗରୀବ। ଏ ଧନୀ ଓ ଗରିବର ଅବଧାରଣା ମଧ୍ୟ ପ୍ରକୃତି ପ୍ରଦତ୍ତ ନୁହେଁ। ଏହା ମଧ୍ୟ ଚାଲାକ ଲୋକଙ୍କ କୃତ୍ରିମ ସୃଷ୍ଟି, ଶୋଷଣର ପରିପ୍ରକାଶ।

ପ୍ରାଚୀନ ମନୁଷ୍ୟ ଯେତେବେଳେ ବଣଜଙ୍ଗଲରେ ବସବାସ କରୁଥିଲା ସେ ସମୟରେ ବ୍ୟକ୍ତିଗତ ମାଲିକାନାରେ କୌଣସି ପ୍ରାକୃତିକ ସମ୍ପଦ ନଥିଲା। ଯାହାକିଛି ରଖୁଥିଲା ଲୁଚାଇ ରଖୁଥିଲା ତାର ନିଜସ୍ୱ ବ୍ୟବହାର ପାଇଁ। କ୍ରମେ ସେ ଗୋଷ୍ଠୀଗତ ଜୀବନ ଆରମ୍ଭ କଲା। ସେ ସମୟରେ ଗୋଷ୍ଠୀଗତ ମାଲିକାନାରେ ଗୋଟିଏ ଅଞ୍ଚଳକୁ ରଖାଯାଇ ଥିଲା। ଏହା ଥିଲା ମାନବ ସମାଜର ଆଦ୍ୟ ସାମ୍ୟବାଦ। କ୍ରମେ ଗୋଷ୍ଠୀ ବା ଦଳରୁ ତିଆରି ହେଲେ ଦଳପତି, ଦଳପତିରୁ ରାଜା-ମହାରାଜା, ତାଙ୍କ ତଳେ ଜମିଦାର-ସୁବେଦାର ପରି ଅନେକ ପଦାଧିକାରୀ ତିଆରି ହେଲେ। ଏହି ଅବସ୍ଥାରେ ପ୍ରାକୃତିକ ସମ୍ପତ୍ତି ବ୍ୟକ୍ତିଗତ ମାଲିକାନାକୁ ଆସିଲା। ଯାହା ଅଧୀନରେ ବେଶୀ ସମ୍ପଦ ରହିଲା ସେ ଧନୀ ହେଲା ଓ ଯାହା ପାଖରେ ଅଳ୍ପ କିମ୍ବା କମ ସମ୍ପଦ ରହିଲା ସେ ହେଲା ଗରୀବ। ରାଜ୍ୟ ବା ରାଷ୍ଟ୍ରର ବିକାଶ କାଳରେ ପ୍ରତୀକ ମୁଦ୍ରା ଆସିଲା, ତାପରେ ଆସିଲା କାଗଜ ଟଙ୍କା। ଯାହା ପାଖରେ ବେଶୀ ଟଙ୍କା ରହିଲା ସେ ଧନୀ ଓ ଯାହା ପାଖରେ କମ୍ ସେ ହେଲା ଗରୀବ। ତେଣୁ ଧନୀ ଓ ଗରୀବର ଅବଧାରଣା ପ୍ରାକୃତିକ ମଧ୍ୟ ନୁହେଁ। ଏହା ମନୁଷ୍ୟର ସୃଷ୍ଟି କୃତ୍ରିମ ବ୍ୟବସ୍ଥା। ଏ ଅସମାନତାକୁ ପ୍ରତିକ୍ରିୟା ଶୂନ୍ୟ କରିବା ପାଇଁ ମଧ୍ୟ ଧାର୍ମିକ ଲେପ ଦିଆଯାଏ। ଏହା ପ୍ରାକୃତିକ ବୋଲି ପ୍ରଚାର ହୁଏ।

ପ୍ରାଚୀନ ମନୁଷ୍ୟ ନିକଟରେ ଯଦିଓ ଗୋଷ୍ଠୀଗତ ଭାବନା ଥିଲା, କିନ୍ତୁ ସେ ଜାତିଗତ ଧାରଣାର ଉର୍ଦ୍ଧ୍ୱରେ ଥିଲା। ଅନ୍ୟ ରାଷ୍ଟ୍ରମାନଙ୍କରେ ଏ ଧାରଣା ନାହିଁ କେବଳ ଭାରତବର୍ଷକୁ ଛାଡି। ଭାରତବର୍ଷରେ ବର୍ଣ୍ଣବ୍ୟବସ୍ଥାର ଉଦ୍ରେକ ହେବାପରେ ଏହା ତାର କାୟା ବିସ୍ତାର କରିଛି। ସେହିପରି ବଂଶ, ଗୋତ୍ର, ଟୋଟେମ୍, ଜାତକ, ରାଶି ଇତ୍ୟାଦି ମଧ୍ୟ ବର୍ଣ୍ଣବ୍ୟବସ୍ଥାର ପରବର୍ତ୍ତୀ ଆନୁସାଙ୍ଗୀକ ଉତ୍ପାଦନ। ତେଣୁ ଏଗୁଡ଼ିକ ପ୍ରାକୃତିକ ସୃଷ୍ଟି ନୁହେଁ। ଏଗୁଡ଼ିକ ମନୁଷ୍ୟର କୃତ୍ରିମ ଉଦ୍ଭାବନ। ସେହିପରି ଧର୍ମ ମଧ୍ୟ ମନୁଷ୍ୟ ମନର ଅନ୍ୟ ଏକ ଚତୁର ଉଦ୍ଭାବନ। ପ୍ରାଚୀନ ମନୁଷ୍ୟ ଐଶରୀକ ଶକ୍ତିରେ ବିଶ୍ୱାସ କରୁଥିଲା। କିନ୍ତୁ ଏହା ଧାର୍ମିକ ବିବିଧତାର ରୂପରେଖ ନେଇ ନଥିଲା। ଏହାକୁ ମଧ୍ୟ ପ୍ରାକୃତିକ ବୋଲି କହିହେବ ନାହିଁ। କାରଣ ଐଶରୀକ ଭାବନା ବ୍ୟକ୍ତିସାପେକ୍ଷ। କିଏ ଈଶ୍ୱର ତ କିଏ ଆଲ୍ଲା, କିଏ ଭଗବାନ ତ ପୁଣି କିଏ ଅନ୍ୟ କୌଣସି ସତ୍ତାରେ ବିଶ୍ୱାସ କରେ। ପୁଣି ବୌଦ୍ଧିକତାର ବିକାଶ ସହିତ ଏମାନଙ୍କ ମଧ୍ୟରେ ନାସ୍ତିକ ମାନଙ୍କର ମଧ୍ୟ ଆବିର୍ଭାବ ହୋଇଛି। ବର୍ତ୍ତମାନର ଅବସ୍ଥାରେ ଥିବା ବିଭିନ୍ନ ଧର୍ମର ଧାରଣା ତା ନିକଟରେ ନଥିଲା। ତେଣୁ ବର୍ତ୍ତମାନର ଧାର୍ମିକ ସ୍ୱରୂପ ପ୍ରାକୃତିକ ନୁହେଁ। ଏହା ମନୁଷ୍ୟର କୃତ୍ରିମ ସୃଷ୍ଟି। ମନୁଷ୍ୟର କଳ୍ପନାରୁ ସୃଷ୍ଟି ଏକ ଅବଧାରଣା।

ଜୀବ ଜଗତରେ ମନୁଷ୍ୟ ହେଉଛି ଏପରି ସୃଷ୍ଟି ଯାହା ନିକଟରେ ବିଚାରବୁଦ୍ଧି ସମ୍ପନ୍ନତା ଗୁଣ ରହିଛି। ସମାନତାର ଭାବନା ତାର ଏହି ଗୁଣରୁ ନିସୃତ ହୁଏ। ତାର ବ୍ୟକ୍ତିତ୍ୱ କେବେ ସ୍ୱୀକାର କରିପାରେ ନାହିଁ ଯେ ତାର ସାମାଜିକ ସମ୍ମାନ ଅନ୍ୟମାନଙ୍କ ଠାରୁ ନ୍ୟୁନ ହେବ ବୋଲି। ଅର୍ଥନୈତିକ ଭାବେ ଦୁର୍ବଳ ହେଲେ ବି ସେ ଆର୍ଥିକ ଭାବେ ସବଳ ହେବାର ବାଟ ଖୋଜେ। ଧନୀ ଓ ଗରୀବର ପ୍ରକୃତ କାରଣ ଯେ ଆର୍ଥିକ ଶୋଷଣ ଏ କଥାକୁ ସେ ଯେତେବେଳେ ବୁଝିପାରିଛି, ସେତେବେଳେ ସେ ଶୋଷଣ ରହିତ ସମାନତା ଉପରେ ପ୍ରତିଷ୍ଠିତ ସାମ୍ୟବାଦୀ ସମାଜର ପରିକଳ୍ପନା କରିଛି ଓ ଏଥିପାଇଁ ବିପ୍ଳବର ମାର୍ଗକୁ ଆପଣେଇଛି। ଆର୍ଥିକ ସମାନତା ପ୍ରାପ୍ତ ହେବା ଉଦ୍ଦେଶ୍ୟରେ ନୂତନ ସମାଜ ବ୍ୟବସ୍ଥା ପାଇଁ ପ୍ରଚେଷ୍ଟା କରିଛି। ବିଶ୍ୱରେ ଅନୁଷ୍ଠିତ କମ୍ୟୁନିଷ୍ଟ ଆନ୍ଦୋଳନ ଏହାର ଦୃଷ୍ଟାନ୍ତ।

ସେହିପରି ସାମାଜିକ ଅସମାନତା ବିରୁଦ୍ଧରେ ମଧ୍ୟ ସେ ସ୍ୱର ଉତ୍ତୋଳନ କରି ଆସିଛି। ସେ ଜାତି ରହିତ ସମତାଭିତ୍ତିକ ସମାଜର ପରିକଳ୍ପନା ମଧ୍ୟ କରିଛି ଓ ଏହା ପ୍ରାପ୍ତ ହେବା ପାଇଁ ସଂଗ୍ରାମ ମଧ୍ୟ କରିଛି ଓ ଏବେବି ଏହା ଅବ୍ୟାହତ ରହିଛି। ଜାତିବ୍ୟବସ୍ଥା ଏକ ଅସମାନତାର ସମାହାର ମାତ୍ର। ଯାହା ଜନ୍ମରୁ କାହାକୁ ଉଚ୍ଚ ଓ କାହାକୁ ନୀଚ ହେବାର ଅବଧାରଣା ସୃଷ୍ଟି କରେ। ସେହିପରି ସମତାଭିତ୍ତିକ ଉନ୍ନତ ଧାର୍ମିକ ଚେତନା ଜାଗ୍ରତ କରିବା ପାଇଁ ମଧ୍ୟ ସେ ଚେଷ୍ଟାକରି ଆସିଛି। ଧାର୍ମିକ ମୌଳବାଦକୁ ହଟାଇ ସହନଶୀଳତା ଓ ଉଦାରବାଦ ଉପରେ ଏକ ପ୍ରଗତିଶୀଳ ବ୍ୟବସ୍ଥାର ସ୍ଥାପନ ପାଇଁ ଚେଷ୍ଟାକରି ଆସିଛି। ଏ ସମସ୍ତର ମୂଳରେ ପ୍ରେରଣାର ଉତ୍ସ ହେଉଛି ତା ମନରେ ସ୍ଥାପିତ ହୋଇ ରହିଥିବା ସମାନତାରେ ଭାବନା। ସମାନତା ହେଉଛି ତାର ପ୍ରକୃତିଦତ୍ତ ଜନ୍ମଗତ ଅଧିକାର।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



##### ଚକ୍ରଧରପୁର ବର୍ଜ୍ୟ ଜମାସ୍ଥଳ ପରିଦର୍ଶନ କଲେ ସିଏମସି କମିଶନର

# ଖୁବ୍‌ଶୀଘ୍ର ହେବ ବାୟୋମାଇନିଂ କାରଖାନା, ସଂପ୍ରସାରିତ ହେବ ବର୍ଜ୍ୟ ଜମାସ୍ଥଳ

**କଟକ, ନ୍ୟୁଜ୍ ବ୍ୟୁରୋ**



କଟକ ସହରରୁ ବାହାରୁଥିବା ଆବର୍ଜନାକୁ ନଷ୍ଟ କରାଯାଇପାରୁନାହିଁ । ପ୍ରାୟ ୩୦ ପ୍ରତିଶତ ଆବର୍ଜନା ବିଭିନ୍ନ ଖତ କେନ୍ଦ୍ର ଓ ଏମଆରଏଫ କେନ୍ଦ୍ର ମାଧ୍ୟମରେ ନଷ୍ଟ କରାଯାଉଛି । ବାକି ୭୦ ପ୍ରତିଶତ ଆବର୍ଜନା ନଷ୍ଟ ହୋଇପାରୁନାହିଁ । ଫଳରେ ପରିବେଶ ପ୍ରଦୂଷିତ ହେବା ସହିତ ସହରୀ ଜୀବନ ଉପରେ କୁପ୍ରଭାବ ପଡୁଛି । ଏହି ସମସ୍ୟାର ସମାଧାନ ପାଇଁ କଟକ ମହାନଗର ନିଗମ (ସିଏମସି) କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉଦ୍ୟମ ଆରମ୍ଭ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଗୁରୁବାର ସିଏମସି କମିଶନର ଶ୍ରୀ ସ୍ୱାଇଁ ଚକ୍ରଧରପୁର ସ୍ଥିତ ବର୍ଜ୍ୟଜମାସ୍ଥଳ ପରିଦର୍ଶନ କରିଛନ୍ତି । ପ୍ରକାଶ ଥାଉକି, କଟକ ସହରରୁ ବାହାରୁଥିବା ଅଳିଆ ଆବର୍ଜନା ଦୈନିକ ଚକ୍ରଧରପୁର ସ୍ଥିତ ବର୍ଜ୍ୟଜମାସ୍ଥଳରେ ଗଦା କରାଯାଉଛି । ସହରରୁ ଦୈନିକ ୭୦ରୁ ଅଧିକ ମେଟ୍ରିକଟନ୍ ଓଦା ଓ ଶୁଖିଲା ଅଳିଆ ବାହାରୁଛି । ସେଥିମଧ୍ୟରୁ ମାତ୍ର ୩୦ ମେଟ୍ରିକ୍ ଟନ୍ ଅଳିଆ ସିଏମସି ନଷ୍ଟ କରିପାରୁଛି । ବାକି ୪୦ ମେଟ୍ରିକ ଟନ୍ ଆବର୍ଜନା ଖତ ହୋଇପାରୁନାହିଁ । ସେଥିଲାଗି ସିଏମ୍‌ସି ବାୟୋମାଇନିଂ କାରଖାନା ନିର୍ମାଣ କରିବ । ନଷ୍ଟ ହୋଇପାରୁନଥିବା ବର୍ଜ୍ୟବସ୍ତୁକୁ ଯାନ୍ତ୍ରିକ ପଦ୍ଧତିରେ ପ୍ରକ୍ରିୟାକରଣ କରାଯିବ । ୨୭ ଏକର ପରିମିତ ଏହି ବର୍ଜ୍ୟ ଜମାସ୍ଥଳ ପରିସୀମା ବୃଦ୍ଧି ପାଇଁ ମଧ୍ୟ ଉଦ୍ୟମ ଆରମ୍ଭ କରାଯାଇଛି । ନିକଟରେ ଥିବା ଜମିକୁ ଅଧିଗ୍ରହଣ କରାଯାଇ ଚକ୍ରଧରପୁରରୁ ବର୍ଜ୍ୟ ଜମାସ୍ଥଳକୁ ମଧ୍ୟ ସଂପ୍ରସାରିତ କରାଯିବ । ଏହି ବାୟୋମାଇନିଂ କାରଖାନା ନିର୍ମାଣ ପାଇଁ ଖୁବ୍‌ଶୀଘ୍ର ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ସିଏମସି ପକ୍ଷରୁ ଡେପୁଟି କମିଶନର ଅଜୟ କୁମାର ମହାନ୍ତି କହିଛନ୍ତି ।

# ବର୍ଷେ ହେଲା ପାନୀୟ ଜଳ ନପାଇ ଦୁଇ ଗ୍ରାମବାସୀ ହଟହଟା

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ କଟରପଡା ଗ୍ରାମପଞ୍ଚାୟତ ଅଧିନରେ ଥିବା ଦୁଇଟି ଗ୍ରାମର ଲୋକେ ଦୀର୍ଘ ୧ ବର୍ଷ ହେଲା ଟୋପାଏ ପାନୀୟ ଜଳ ପାଇପାରୁନଥିବାର ଅଭିଯୋଗ ହୋଇଛି । ପାନୀୟ ଜଳ ପାଇନପାରି ଲୋକେ ଚରମ ହଟହଟାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି । ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବିନିଯୋଗ କରାଯାଇ କଟରପଡା ଗ୍ରାମପଞ୍ଚାୟତ ପାନୀୟ ଜଳ ପ୍ରକଳ୍ପ ଓ ବସୁଧା ଯୋଜନାରେ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲା । କିନ୍ତୁ ଏହି ପ୍ରକଳ୍ପ ଲୋକଙ୍କର କୌଣସି କାମରେ ଆସୁନଥିବାର ଅଭିଯୋଗ ହୋଇଛି । ନିମ୍ନମାନର କାର୍ଯ୍ୟ ହେତୁ ବିଛା ଯାଇଥିବା ପାଇପ ଗୁଡିକ ଭାଙ୍ଗିରୁଜି ଯାଇଥିଲା ବେଳେ ବହୁ ସ୍ଥାନରେ ଫାଟି ଯାଇଥିବାର ଅଭିଯୋଗ ହୋଇଛି । ଏପରିକି ନିର୍ମାଣ କରାଯାଇଥିବା ପାଇପ୍ ଷ୍ଟାଣ୍ଡ ଗୁଡିକ ମଧ୍ୟ ବହୁ ସ୍ଥାନରେ ଭାଙ୍ଗିରୁଜି ଯାଇ ଅଳିଆ ଆବର୍ଜନ ମଧ୍ୟରେ ପଡିରହିଥିବାର ଅଭିଯୋଗ ହୋଇଛି । ପ୍ରତିବର୍ଷ ଏହି ପାନୀୟ ଜଳ ପ୍ରକଳ୍ପର ରକ୍ଷଣାବେକ୍ଷଣ ନିମନ୍ତେ ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବିନିଯୋଗ ହେଉଛି । କିନ୍ତୁ ଏହାର କୌଣସି ସଫଳ ରୂପାୟନ ହୋଇପାରୁନଥିବାର ଅଭିଯୋଗ ହୋଇଛି । ଫଳରେ ଦୀର୍ଘ ୧ ବର୍ଷ ହେଲା ସ୍ଥାନୀୟ ମୁରଦାବାଦ, ଗୌଡବିଶି ପ୍ରଭୃତି ଗ୍ରାମର ଲୋକେ ଟୋପାଏ ପାନୀୟ ଜଳ ପାଇପାରୁନଥିବାର ଶିକ୍ଷାବିତ ଫକୀର ଚରଣ ନାୟକ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ପ୍ରଶାସନ ନିକଟରେ ସ୍ଥାନୀୟ ଗ୍ରାମବାସୀ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ଏଥିପ୍ରତି କେହିହେଲେ କର୍ଣ୍ଣପାତ କରୁନଥିବାର ଅଭିଯୋଗ ହୋଇଛି । ଆଗାମୀ ଦିନରେ ଭୟଙ୍କର ଗ୍ରୀଷ୍ମଋତୁ ଆସୁଥିବା କାରଣରୁ ଟୋପାଏ ପାନୀୟ ଜଳ ନିମନ୍ତେ ସାଧାରଣ ଲୋକଙ୍କ ସମେତ ଗାଈଗୋରୁ ଛେଳିମେଣ୍ଢା ପଶୁପକ୍ଷୀ ଚରମ ହଟହଟା ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ତୁରନ୍ତ ଏହି ଗ୍ରାମଦ୍ୱୟକୁ ପାନୀୟ ଜଳ ଯୋଗାଇ ଦିଆନଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ୍ୟ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ସିଡିଏ ଉପାଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କଲେ ସିଦ୍ଧାର୍ଥ ଶଙ୍କର

**କଟକ, ନ୍ୟୁଜ୍ ବ୍ୟୁରୋ**

କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ)ର ଉପାଧ୍ୟକ୍ଷ ଭାବେ କଟକ ମହାନଗର ନିଗମର କମିଶନର ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଦାୟିତ୍ୱ ଗ୍ରହଣ କରିଛନ୍ତି । ସିଏମସି କମିଶନର ଭାବେ ରହିବା ସହ ସିଡିଏର ଏହି ଅତିରିକ୍ତ ଦାୟିତ୍ୱ ମିଳିବା ପରେ ସେ ସିଡିଏ କାର୍ଯ୍ୟାଳୟରେ ପହଞ୍ଚି ଦାୟିତ୍ୱ ଗ୍ରହଣ କରିଥିଲେ । ଏହି ଅବସରରେ ସିଡିଏର ସମସ୍ତ ଅଧିକାରୀ ଓ କର୍ମଚାରୀ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ଏକ ବୈଠକରେ ଶ୍ରୀ ସ୍ୱାଇଁ କର୍ମଚାରୀଙ୍କ ସହିତ ଆଲୋଚନା କରି କିଭଳି ସିଡିଏର କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ସେ ଦିଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉପାଧ୍ୟକ୍ଷ ଶ୍ରୀ ସ୍ୱାଇଁ ସିଡିଏ ଅଧ୍ୟକ୍ଷ ଅନୀଲ କୁମାର ସାମଲଙ୍କ ସହିତ ସାକ୍ଷାତ ଆଲୋଚନା କରିଥିଲେ । ଶ୍ରୀ ସ୍ୱାଇଁ ଜାନୁଆରୀ ୩୧ ତାରିଖରେ ସିଏମସିର କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ୨୦୧୪ ବ୍ୟାଚ୍‌ର ଆଇଏଏସ ଅଧିକାରୀ ଶ୍ରୀ ସ୍ୱାଇଁ ତତ୍କାଳୀନ କମିଶନର ନିଖିଲ ପଵନ କଲ୍ୟାଣଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ ।

## ରକ୍ତହୀନତା ରୋଗରୁ ମୁକ୍ତି ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱାସ୍ଥ୍ୟସେବା

**ବାଲେଶ୍ୱର, ନ୍ୟୁଜ୍**

ସ୍ୱାସ୍ଥ୍ୟ ହିଁ ସମ୍ପଦ । ନୂଆପାଢ଼ୀ ସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ପାଠପଢା ସହ ସ୍ୱାସ୍ଥ୍ୟର ଯତ୍ନ ନେବା ଲକ୍ଷ୍ୟରେ ପ୍ରଥମ ଥର ପାଇଁ ରକ୍ତହୀନତା ନିରୂପଣ କରିବା ନିମନ୍ତେ ଏକ ରକ୍ତ ପରୀକ୍ଷଣ ଶିବିରର ଆୟୋଜନ ହୋଇଅଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ତଥା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂସଦ ଓ ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ସହଯୋଗରେ ଆୟୋଜିତ ମାର୍ଗଦର୍ଶନରେ ତଥା ଏହି ଦୁଇଦିନିଆ ସ୍ୱାସ୍ଥ୍ୟ ଶିବିରଟି ଆରମ୍ଭ ହୋଇଯାଇଛି । ପ୍ରଥମ ଦିନରେ ଉଭୟ କ୍ୟାମ୍ପସରେ ପଠନରତ କେବଳ ଛାତ୍ରୀ ଓ ବିଶ୍ୱବିଦ୍ୟାଳୟ ପରିସର ମଧ୍ୟରେ ବସବାସ କରୁଥିବା ଶିକ୍ଷକ ଶିକ୍ଷୟିତ୍ରୀ, ଅଣଶିକ୍ଷକ କର୍ମଚାରୀମାନଙ୍କ ପରିବାରର ସମସ୍ତ ସଦସ୍ୟଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇଛି । ଗୁରୁବାର ଛାତ୍ର, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା ଅଣଶିକ୍ଷକ କର୍ମଚାରୀମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ପରୀକ୍ଷଣ କରାଯାଇଛି । ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣଭାବେ ରକ୍ତହୀନତା ଓ ଏଥି ଜନିତ ରୋଗରୁ ମୁକ୍ତ କରବା ବୋଲି କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମତବ୍ୟକ୍ତ କରିଛନ୍ତି । ଏହି ଶିବିରରେ ପ୍ରାକ୍ତନ ଛାତ୍ର ସଂସଦର ପ୍ରେସିଡେଣ୍ଟ ଡକ୍ଟର ଚୌଧୁରୀ ସତ୍ୟବ୍ରତ ନନ୍ଦ, ସାଧାରଣ ସମ୍ପାଦକ ଡ଼କ୍ଟର ଦେବଦତ୍ତ ଦାସ, ଭାଇସ ପ୍ରେସିଡେଣ୍ଟ ଡ଼କ୍ଟର ମୀନତି ମିଶ୍ର, ଯୁଗ୍ମ ସମ୍ପାଦକ ଡ଼କ୍ଟର ଜଗନ୍ନାଥ ବେହେରାଙ୍କ ସମେତ କାର୍ଯ୍ୟନିର୍ବାହୀ ସଦସ୍ୟ ଭବାନୀ ଶଙ୍କର ଜେନା, ଦେବଦତ୍ତ ନାୟକ ଓ ସତଦଳ ଗିରି ପ୍ରମୁଖ ଉପସ୍ଥିତ ହୋଇ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରିଥିଲେ । ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ (ଇନ୍-ଚାର୍ଜ) ଡ଼କ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ଉପସ୍ଥିତ ହୋଇ, ଉଭୟ ନମୁନା ସଂଗ୍ରହ ସ୍ଥଳୀ ଯଥା କ୍ରୀଡା କମ୍ପ୍ଲେକ୍ସ ଓ ମାନବ ସମ୍ବଳ ବିକାଶ କେନ୍ଦ୍ରର କାର୍ଯ୍ୟକ୍ରମକୁ ନିରୀକ୍ଷଣ କରିଥିଲେ । ସୂଚନା ଅନୁଯାୟୀ ପ୍ରାୟ ୨୦୦୦ରୁ ଅଧିକ ନମୂନା ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଥିବା ବେଳେ ରକ୍ତହୀନତାରେ ପୀଡ଼ିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନଙ୍କୁ ଡାକ୍ତରଙ୍କ ପରାମର୍ଶ କ୍ରମେ ଆଇରନ୍ ବଟିକା ସହ ସିରପ୍ ଔଷଧ ମାଗଣାରେ ଯୋଗାଇ ଦିଆଯିବ । ଏଥିସହ ଦୁଇମାସ ପରେ ପୁନର୍ବାର ସେମାନଙ୍କ ରକ୍ତ ପରୀକ୍ଷଣ କରାଯିବ । ଏତଦବ୍ୟତୀତ ପରୀକ୍ଷଣ କାର୍ଯ୍ୟକ୍ରମର ସବିଶେଷ ରିପୋର୍ଟ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯିବ । ବିଶ୍ୱବିଦ୍ୟାଳୟର ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଡକ୍ଟର ସୋମା ନନ୍ଦ ଓ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସଦସ୍ୟ ଏହି ଶିବିରରେ ଉପସ୍ଥିତ ହୋଇ ସହଯୋଗ କରିଥିଲେ ।

## ବିବାହ ଉତ୍ସବରେ ନବ ଦମ୍ପତିଙ୍କ ଚାରା ରୋପଣ

**ବ୍ରଜରାଜନଗର, ନ୍ୟୁଜ୍ ବ୍ୟୁରୋ**

ବ୍ରଜରାଜନଗର ପୌରାଞ୍ଚଳ ଅନ୍ତର୍ଗତରେ ମଜା ଗ୍ରାମର ଏକ ବିବାହ ଉତ୍ସବରେ ନବ ଦମ୍ପତି ଚାରା ରୋପଣ କରି ନିଆରା ଢଙ୍ଗରେ ପରିବେଶ ସଚେତନତାର ବାର୍ତ୍ତା ଦେଇଛନ୍ତି । ନବ ଦମ୍ପତିଙ୍କ ସମାଜର ହିତ ସାଧନାର ଏହି କାର୍ଯ୍ୟକୁ ନେଇ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି । ରେମଜା ଗ୍ରାମର ବିକ୍ରମ ସାହୁଙ୍କ ପୁତ୍ର ନାରାୟଣ ସାହୁଙ୍କ ବିବାହ ପଧାନଡେରା ବାସୀ ଯୋଗେଶ୍ୱର ପଧାନଙ୍କ ଝିଅ ସୁନିତା ସହିତ ଅନୁଷ୍ଠିତ ହୋଇଥିଲା । ତେବେ ଏହି ଉତ୍ସବରେ ରାଜପୁର ଫରେଷ୍ଟର ପ୍ରଶାନ୍ତ କୁମାର ବାଗ ଯୋଗଦେଇ ନବ ଦମ୍ପତିଙ୍କୁ ଚାରା ଉପହାର ସ୍ୱରୂପ ପ୍ରଦାନ କରି ରୋପଣ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବନଖଣ୍ଡ ଏସିଏଫ ଲଳିତ ନାୟକ, ପ୍ରସନ୍ନଜିତ ନାୟକ, ବ୍ରଜରାଜନଗର ରେଞ୍ଜର ରେସନା ଜାମଡ଼ାଲିଆ, ଡେପୁଟି ରେଞ୍ଜର ସୁଦେଷ୍ଣା ପ୍ରଧାନ, ହେଡ୍ କ୍ୱାର୍ଟର ଫରେଷ୍ଟର ଅରକ୍ଷିତ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ବନ ବିଭାଗ କର୍ମଚାରୀ କାଜଲ ଶର୍ମା, ରିମା ପଟେଲ, ବିରେନ୍ଦ୍ର ପଟେଲ, ଦୀପକ ସା, ଦୀପକ ପଟେଲ, ରାଜେଶ ପଟେଲ ପରିଚାଳନାରେ ସହଯୋଗ କରିଥିଲେ । ଝାରସୁଗୁଡ଼ା ଜିଲ୍ଲାରେ ଖଣି ଖଦାନ ଓ କଳ କାରଖାନା ଯୋଗୁଁ ପ୍ରଦୂଷଣ ଅହେତୁକ ମାତ୍ରାରେ ଦିନକୁ ଦିନ ବୃଦ୍ଧି ପାଉଛି । ତେବେ ପରିବେଶ ସଚେତନତା ବାର୍ତ୍ତା ପ୍ରଦାନ କରିବା ମୂଳ ଲକ୍ଷ ନେଇ ରାଜପୁର ସେକ୍ସନ ଫରେଷ୍ଟର ପ୍ରଶାନ୍ତ କୁମାର ବାଗ ଗତ ୨୦୧୪ ମସିହାରୁ ବିବାହ ଉତ୍ସବରେ ଯୋଗଦେଇ ନବ ବିବାହିତ ଦମ୍ପତିଙ୍କୁ ଉପହାର ଭାବେ ଚାରା ପ୍ରଦାନ କରି ତାହା ରୋପଣ କରାଇଥାନ୍ତି ।

## ବଲାଙ୍ଗିରରେ ଯୋଗ ଦେଲେ ନୂତନ ଅତିରିକ୍ତ ଜିଲ୍ଲାପାଳ

**ବଲାଙ୍ଗିର, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲାରେ ନୂତନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଡ. ବିଜୟାନନ୍ଦ ସେଠୀ ଯୋଗ ଦେଇଛନ୍ତି । ସେ ପୂର୍ବତନ ଏଡିଏମ ଲମ୍ବୋଦର ଧରୁଆଙ୍କ ପାଖରୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ସେଠୀ ପୂର୍ବରୁ ପାଟଣାଗଡ଼ ଉପଜିଲ୍ଲାପାଳ ଭାବେ କାର୍ଯ୍ୟ କରିଆସୁଥିଲେ । ଶ୍ରୀ ଧରୁଆ ନୂଆପଡ଼ା ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ରୂପେ କାର୍ଯ୍ୟ କରିବେ । ସେ ନିଜର କର୍ମ ଦ୍ୱାରା ଲୋକଙ୍କ ମଧ୍ୟରେ ଖୁବ୍ ପ୍ରଶଂସିତ ହୋଇଛନ୍ତି । ନୂତନ ଅତିରିକ୍ତ ଜିଲ୍ଲାପାଳଙ୍କୁ କାର୍ଯ୍ୟାଳୟର ସମସ୍ତ କର୍ମକର୍ତ୍ତା ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଛନ୍ତି ।

## ବାଉଁଶୁଣୀ ଲୋକ ମହୋତ୍ସବ ଉଦ୍‌ଘାଟିତ




**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ବ୍ଲକ ବାଉଁଶୁଣି ହାଇସ୍କୁଲ ଖେଳ ପଡିଆରେ ତୃତୀୟ ବାଉଁଶୁଣି ଲୋକ ମହୋତ୍ସବ ସୋମବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ଏହି ଅବସରରେ ପୂର୍ବାହ୍ନରେ ଢୋଲ, ନିଶାଣ ଓ ସାଂସ୍କୃତିକ ଦଳ ଏକ ବିରାଟ ଶୋଭାଯାତ୍ରାରେ ବାଉଁଶୁଣୀ ଗଡଭିତର ମାହେଶ୍ୱରୀ ମନ୍ଦିରରୁ ବାହାରି ବାଉଁଶୁଣୀ ମହାଦେବ ମନ୍ଦିରକୁ ଯାଇ ସେଠାରୁ ଡିମିରିପାଲି ଗ୍ରାମ ପରିକ୍ରମା କରି ବାଉଁଶୁଣୀ ଛକ ଦେଇ ହାଇସ୍କୁଲ ଖେଳ ପଡିଆ ଠାରେ ପହଞ୍ଚିଥିଲେ । ଶୋଭାଯାତ୍ରାରେ ଗୁନ୍ଦୁଳିଆ ସରପଞ୍ଚ ଧବଳେଶ୍ୱର ସିଂ, ଅଁଳାପାଲି ସରପଞ୍ଚ ଅଜିତ କୁମାର ମେହେର, ବାଉଁଶୁଣୀ ସରପଞ୍ଚ ଅଁଇଠୁ ମହାଲିକଙ୍କ ସମେତ ସାଂସ୍କୃତିକ ପରିଷଦର ଆବାହକ ଦଶରଥ ମେହେର, ସମ୍ପାଦକ ସୀତାକାନ୍ତ ସିଂ, ଚକ୍ରଧର ମେହେର, ମନୋଜ ଗାଇଗୌରିଆ, ବିକାଶ ଅଗ୍ରୱାଲ ପ୍ରମୁଖଙ୍କ ସହ ସାଂସ୍କୃତିକ ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅତିଥି ଭାବେ ବାଉଁଶୁଣୀ ସରପଞ୍ଚ ଶ୍ରୀ ମହାଲିକ, ଅଇଁଲାପାଲି ସରପଞ୍ଚ ଶ୍ରୀ ମେହେର, ତାଳସରଡ । ସରପଞ୍ଚ ସସ୍ମିତା ପାଣ୍ଡେ, ଦହ୍ୟା ସରପଞ୍ଚ ବିଭୂତି ଡାଙ୍ଗ ଯୋଗ ଦେଇଥିଲେ । ମହୋତ୍ସବ ହେଉଛି କଳା, ସଂସ୍କୃତି ଓ ପରମ୍ପରାର ମିଳନ ସ୍ଥଳ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ । ବାଉଁଶୁଣୀ ଲୋକ ମହୋତ୍ସବ କମିଟିର ସଭାପତି ଉମା ଶଙ୍କରଙ୍କ ଅଧ୍ୟକ୍ଷତାରେ ସମ୍ପାଦକ ସୀତାକାନ୍ତ ସିଂ ଅତିଥି ପରିଚୟ ଓ ବାର୍ଷିକ ଉତ୍ସବର ବିବରଣୀ ପଠନ କରିଥିଲେ । ମନୋଜ ଗାଇଗୌରିଆ ଧନ୍ୟବାଦ ଅର୍ପଣ କରିଥିଲେ । ବାଉଁଶୁଣି ବୀଣା ଭାରତୀ ପବ୍ଲିକ ସ୍କୁଲର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ସଭା ପୂର୍ବରୁ ଅଞ୍ଚଳର ଦଣ୍ଡ ନାଚ୍, ପତର ସଉରା ନାଚ୍ ପରିବେଷଣ କରିଥିଲେ । ସଭା ପରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବାଉଁଶୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି ମହୋତ୍ସବ ଆୟୋଜନ ହେଉଥିବା ବେଳେ ଅଞ୍ଚଳବାସୀ ସହଯୋଗ କରୁଛନ୍ତି ।

# ଦିବ୍ୟାଙ୍ଗ ବିଦ୍ୟାର୍ଥୀଙ୍କ ପାଇଁ ଫି' ଛାଡ଼ ବ୍ୟବସ୍ଥା

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଦ୍ୟାଳୟରେ ତଥା ଏହା ଅଧୀନରେ ଥିବା ବିଭିନ୍ନ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଫି' ଛାଡ଼ ବ୍ୟବସ୍ଥାକୁ ଅଧିକ ସରଳ କରାଯିବା ସହ କୋହଳ କରାଯାଇଛି । ଏନେଇ ପୂର୍ବରୁ ଥିବା ନିର୍ଦ୍ଦେଶ ନାମରେ ରହିଥିବା ଦ୍ୱନ୍ଦ୍ୱକୁ ମଧ୍ୟ ଦୂର କରିଦିଆଯାଇଛି । ଏନେଇ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଓ ଏହା ଅଧୀନରେ ଥିବା ସମସ୍ତ ସରକାରୀ ଓ ଅନୁଦାନପ୍ରାପ୍ତ ମହାବିଦ୍ୟାଳୟ ଗୁଡ଼ିକୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି । ରାଜ୍ୟ ସରକାରଙ୍କ ଚିଠି ନମ୍ବର ପ୍ରକାରେ ବିଶ୍ୱବିଦ୍ୟାଳୟର ବିଭାଗ ସମୂହର ଅଧ୍ୟକ୍ଷ ଓ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟକୁ ବିଭାଗ ପକ୍ଷରୁ ଜାରି ହୋଇଥିବା ଚିଠିରୁ ଏହା ଜଣାପଡ଼ିଛି । ପୂର୍ବରୁ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଫି' ଛାଡ଼ର ବ୍ୟବସ୍ଥା ଥିବାବେଳେ ବର୍ତ୍ତମାନ ଏହି ସୁବିଧା ଅନ୍ୟୁନ ଶତକଡ଼ା ୪୦ ଓ ଏହାଠାରୁ ଅଧିକ ପ୍ରତିଶତ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏହି ସୁବିଧା ଲାଗୁ ହେବ । ଛାତ୍ରଛାତ୍ରୀଙ୍କ ହଷ୍ଟେଲ୍ ଫି' ସମେତ ଏକାଡ଼େମୀକ୍ ଫି' ସମ୍ପୂର୍ଣ୍ଣ ଛାଡ଼ ହେବ । ଏକାଡ଼େମିକ୍ ଫି' ମଧ୍ୟରେ ଆଡ୍‌ମିଶନ ଫି' ଓ ରି ଆଡ୍‌ମିଶନ ଫି', ଟ୍ୟୁସନ୍ ଫି', ମାଗାଜିନ୍ ଫି', କ୍ୟାଲେଣ୍ଡର ଫି, ଲାଇବ୍ରେରୀ ଫି', ରିଡ଼ିଙ୍ଗ ଓ କମନ୍‌ରୁମ୍ ଫି', ଟାଇମ୍ ଟେବୁଲ୍ ଫି', ଏକ୍ସପିରିଏନ୍ସ ଫି', ଉପସ୍ଥାନର ଅଂଶ ବାବଦରେ ଫି' ସମେତ ସମସ୍ତ ସେମିଷ୍ଟାର ପରୀକ୍ଷ ଫି' ଛାଡ଼ରେ ଅନ୍ତର୍ଭୁକ୍ତ ରହିବ ବୋଲି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି । ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ଛାତ୍ରଛାତ୍ରୀ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି । ତେବେ ହଷ୍ଟେଲ୍ ଓ ସମସ୍ତ ପରୀକ୍ଷା ବାବଦ ଫି ଛାଡ଼ କରିବାରେ କିଛି ସମସ୍ୟା ରହିଥିବା କହିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼ଃ ଗୀତାଞ୍ଜଳି ଦାଶ । ପରୀକ୍ଷାଗୁଡ଼ିକ ଆଉଟ୍‌ସୋରସିଂ ସଂସ୍ଥା ଜରିଆରେ କରାଯାଉଥିବା ବେଳେ ହଷ୍ଟେଲ୍‌ର ସମସ୍ତ ଖର୍ଚ୍ଚ ବହନ କରିବା ଖୋଦ୍ ବିଶ୍ୱବିଦ୍ୟାଳୟ କିମ୍ବା ବିଭିନ୍ନ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ପାଇଁ ଆର୍ଥିକ ବୋଝ ହେବ । ଏଣୁ ବିଭାଗ ହଷ୍ଟେଲ୍ ଫି' ପରୀକ୍ଷା ଫି' ବାବଦରେ ସମୀକ୍ଷା କଲେ ଉଚିତ୍ ହେବ ବୋଲି କହିଛନ୍ତି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ଼. ଶ୍ରୀମତୀ ଦାଶ ।




## ଶାଳବଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ବ୍ଲକ ଅନ୍ତର୍ଗତ ଶାଳବଣି ଗ୍ରାମପଚାୟତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗତ ଆଠ ଦିନ ଧରି ବାଳିକାମାନଙ୍କ ନିମନ୍ତେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ପ୍ରଶିକ୍ଷିକ ଭାବେ ସିମନ୍ତିନି ସାହୁ ଓ ବିଳାସିନୀ ସାହୁ ଯୋଗଦେଇ ବାଳିକା ମାନଙ୍କୁ ପ୍ରଶିକ୍ଷଣ ଦେଇ ଆତ୍ମରକ୍ଷା ନିମନ୍ତେ ବିଭିନ୍ନ ପ୍ରକାର ଶିକ୍ଷା ଦେଇଥିଲେ । ଆଠ ତାରିଖ ଉଦ୍‌ଯାପନୀ ଦିବସରେ ଅଧ୍ୟକ୍ଷ ପଦ୍ମନାଭ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଅଧାପିକା ତପସ୍ୱିନୀ ଆଚାର୍ଯ୍ୟ, ଅଧାପକ ନିରାକାର ମିଶ୍ର, ରମେଶ ଚନ୍ଦ୍ର ମହାପାତ୍ର, ଗୋପବନ୍ଧୁ ଆପଟ ସଭା ସଞ୍ଚାଳନ କରି ସହଯୋଗ କରିଥିଲେ । ଏହି ତାଲିମ ଶିବିରରେ ୧୨୪ ଜଣ ଛାତ୍ରୀ ଭାଗ ନେଇ ପ୍ରଶିକ୍ଷଣ ନେଇଥିଲେ ।

# ସୋଆ ଏନସିସି ଛାତ୍ରୀଛାତ୍ରୀଙ୍କୁ ପ୍ରତିଷ୍ଠାତା ସଭାପତିଙ୍କ ଅଭିନନ୍ଦନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଗତ ଜାନୁଆରୀ ୨୬ରେ ନୂଆଦିଲ୍ଲୀ ଠାରେ ଜାତୀୟ ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ପ୍ରତିନିଧିତ୍ୱ କରିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏନ୍‌ସିସିର ୩ ଜଣ ଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ଅଭିନନ୍ଦନ ଜଣାଇଛନ୍ତି । ଚଳିତ ଥର ପରେଡରେ ଭାଗ ନେଇଥିବା ୩ ଜଣ ଛାତ୍ର ହେଲେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର କମ୍ପ୍ୟୁଟର ସାଇନ୍ସ ଦ୍ୱିତୀୟ ବର୍ଷର ଛାତ୍ର ଅବିନାଶ ନନ୍ଦ ଓ ଦେବୀପ୍ରସାଦ ଦାସ ତଥା କମ୍ପ୍ୟୁଟର ସାଇନ୍ସ ଆଣ୍ଡ ଇନ୍‌ଫର୍ମେସନ୍ ଟେକ୍ନୋଲୋଜି ବିଭାଗର ଛାତ୍ର ଅଭିଷେକ । ଏହି ଛାତ୍ରମାନେ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ଆଶୀର୍ବାଦ ନେଇଥିଲେ । ପ୍ରଫେସର (ଡ) ନାୟକ ସେମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସହ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାକୁ ସମୃଦ୍ଧ କରିବା ନିମନ୍ତେ ଛାତ୍ରଛାତ୍ରୀମାନେ ପ୍ରଚେଷ୍ଟା କରିବା ଆବଶ୍ୟକ ବୋଲି କହିଥିଲେ । ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ୩ ଜଣ ଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଏନ୍‌ସିସି ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ୍ ସତ୍ୟବ୍ରତ ସ୍ୱାଇଁ ଓ ସୋଆ ଏନ୍‌ସିସିର ପ୍ରଫେସର ଇନ୍‌ଚାର୍ଜ ଡ. ସତୀଶ କୁମାର ସାମଲ ଏହି ଅବସରରେ ଉପସ୍ଥିତ ଥିଲେ ।

## ପ୍ରାଣୀ ଚିକିତ୍ସକଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ ପ୍ରାଣୀ ଚିକିତ୍ସକ ସଂଘ ଆହ୍ୱାନ କ୍ରମେ ଜିଲ୍ଲାର ପ୍ରାଣୀ ଚିକିତ୍ସକ ମାନେ ଦୀର୍ଘ ୨୦ ଦିନ ହେଲା କ୍ରମାଗତ ଭାବେ ଧାରଣାରେ ବସି ରହିଥିବାରୁ ଜିଲ୍ଲାରେ ଗୃହପାଳିତ ପଶୁ ମାନଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । ପ୍ରାଣୀ ଚିକିତ୍ସକ ମାନଙ୍କର ଦାବି ପୁରଣ କରିବା ସହିତ ଆନ୍ଦୋଳନକୁ ସମର୍ଥନ ଜଣାଇ ଜିଲ୍ଲା ସରପଞ୍ଚ ସଂଘ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି । ଏହି ଦାବିପତ୍ରରେ ଜିଲ୍ଲାର ବିଭିନ୍ନ ପଞ୍ଚାୟତରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ବନ୍ଦ ଯୋଗୁ ଅନେକ ଗୃହ ପାଳିତ ପଶୁ ମାନଙ୍କର ଦୁର୍ଦ୍ଦଶା ବଢିବାରେ ଲାଗିଛି । ଏହା ସହିତ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ନିଜ ଖର୍ଚ୍ଚରେ ବିଭିନ୍ନ ଯାଗାରେ ଫାର୍ମ ପ୍ରତିଷ୍ଠା କରି ସବ୍‌ସିଡି ପାଇପାରୁ ନାହାଁନ୍ତି । ମୃତ ପ୍ରାଣୀ ମାନଙ୍କର ପୋଷ୍ଟମର୍ଟମ ହୋଇପାରୁନଥିବାରୁ ବୀମାରାଶି ମିଳିପାରୁନାହିଁ । ଗ୍ରାମୀଣ ଅର୍ଥନୀତିରେ ପ୍ରାଣୀ ଚିକିତ୍ସକ ପ୍ରତ୍ୟକ୍ଷ ଭୂମିକା ରହୁଥିବା ବେଳେ ଏମାନଙ୍କର ଆନ୍ଦୋଳନ ପ୍ରଭାବିତ ହୋଇଅଛି । ମୁଖ୍ୟମନ୍ତ୍ରୀ ତାଙ୍କର ଦାବି ପୂରଣ କରିବା ସହିତ ଗୃହ ପାଳିତ ପଶୁ ମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବାକୁ ସହାୟକ ହୁଅନ୍ତୁ ବୋଲି ସଂଘ ପକ୍ଷରୁ ସଭାପତି ଚାମେଲି ଓଝା, ଅରକ୍ଷିତ କାଣ୍ଡି, ପ୍ରବିଣ କୁମାର ସିଂହ, କାଶୀନାଥ କାଣ୍ଡି, ସ୍ୱର୍ଣ୍ଣଲତା ସାହୁ, ସନାତନ ସାହୁ ପ୍ରମୁଖ ସରପଞ୍ଚ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି ।

## ଟିଟିଲାଗଡ଼ ମ୍ୟୁନିସିପାଲିଟିରେ ନୂତନ ଏକ୍‌ଜିକ୍ୟୁଟିଭ ଅଫିସର

**ଟିଟିଲାଗଡ଼, ନ୍ୟୁଜ୍ ବ୍ୟୁରୋ**

ଇତି ମଧ୍ୟରେ ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ନୂତନ ଏକ୍‌ଜିକ୍ୟୁଟିଭ ଅଫିସର ମନୋଜ କୁମାର ତାଣ୍ଡି କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଶ୍ରୀ ତାଣ୍ଡି ଏହା ପୂର୍ବରୁ ଝାରସୁଗୁଡ଼ା ମ୍ୟୁନିସିପାଲିଟିରେ ଦୀର୍ଘ ବର୍ଷ ହେଲା ଏକ୍‌ଜିକ୍ୟୁଟିଭ ଅଫିସର ଭାବେ ଦକ୍ଷତାର ସହ କାର୍ଯ୍ୟ କରି ଆସିଛନ୍ତି । ଟିଟିଲାଗଡ଼ ମ୍ୟୁନିସିପାଲିଟି କାର୍ଯ୍ୟାଳୟରେ ଯୋଗଦେବା ସମୟରେ ଟିଟିଲାଗଡ଼ ମ୍ୟୁନିସିପାଲିଟିର କର୍ମଚାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।

## ଅବସରପ୍ରାପ୍ତ କର୍ମଚାରୀଙ୍କର ପରଲୋକ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍ ବ୍ୟୁରୋ**

ନିଶ୍ଚିନ୍ତକୋଇଲି ବ୍ଲକ ସରପଡା ଗ୍ରାମପଞ୍ଚାୟତ ସାଧୁପୁର ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ସମାଜସେବୀ ବୀରବର ସ୍ୱାଇଁଙ୍କର ବାର୍ଦ୍ଧକ୍ୟ ଜନିତ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ବୟସ ହୋଇଥିଲା । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ୪ ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତି ନାତୁଣୀ ଓ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ଶ୍ରୀ ସ୍ୱାଇଁ ନିଶ୍ଚିନ୍ତକୋଇଲି ପୋଷ୍ଟ ଅଫିସରେ ଦୀର୍ଘ ବର୍ଷ ଧରି ପୋଷ୍ଟମାଷ୍ଟର ରୂପେ କାର୍ଯ୍ୟକରି ଅବସର ଗ୍ରହଣ କରିଥିଲେ । ଶ୍ରୀ ସ୍ୱାଇଁ ସ୍ଥାନୀୟ ଅଞ୍ଚଳରେ ଜଣେ ବିଶିଷ୍ଟ କଳାକାର ରୂପେ ପରିଚିତ ଥିଲେ । ତାଙ୍କର ମୃତ ଶରୀରକୁ ଏକ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗ୍ରାମ୍ୟ ଶ୍ମଶାନରେ ଦାହ କରାଯାଇଥିଲା । ତାଙ୍କର ଜ୍ୟେଷ୍ଠପୁତ୍ର ପ୍ରକାଶ କୁମାର ସ୍ୱାଇଁ ମୁଖାଗ୍ନି ଦେଇଥିଲେ । ତାଙ୍କର ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳିଯାଇଛି ।

## ନୂଆ ରମ୍ଭାସରେ ବିଜେପିର ମିଶ୍ରଣ ପର୍ବ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ହାଟଡିହି ବ୍ଲକ ନୂଆ ରମ୍ଭାସ ଗ୍ରାମରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ବିଜେପି ନେତା ଆଲୋକ ସେଠୀଙ୍କ ନେତୃତ୍ୱରେ ଭରସା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ୫୦୦ରୁ ଉର୍ଦ୍ଧ୍ୱ ଯୁବକ ଓ ମହିଳା ବିଜେପିରେ ସାମିଲ ହୋଇଛନ୍ତି । ଉପସ୍ଥିତ ଅତିଥି ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ବିଧାନସଭା ପ୍ରଭାରୀ ହରିହର ମହାନ୍ତ, ସଂଯୋଜକ ଜ୍ଞାନରଞ୍ଜନ ସାମନ୍ତ ସିଂହର, ବରିଷ୍ଠ ନେତା ରାମଚନ୍ଦ୍ର ସାହୁ, ଅସୀମା ମିଶ୍ର, ସୁକାନ୍ତ ଜେନା ପ୍ରମୁଖ ନବାଗତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ ଜଣାଇଥିଲେ । ସାନ୍ତୁନ ଖୁଣ୍ଟିଆଙ୍କ ନେତୃତ୍ୱରେ ଶହ ଶହ ଯୁବକ ଓ ମହିଳା ବିଜେପିରେ ସାମିଲ ହେଲେ । ବରିଷ୍ଠ ନେତା ହରମୋହନ ଶାସିନ, ସୁଶାନ୍ତ ଜେନା, ଅଲେଖ ଜେନା, ଦେବାଶିଷ ସେନାପତି, ଶିଶୁ ଜେନା, ଦୀପ୍ତିମୟୀ ଖୁଣ୍ଟିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ବିରିତୋଳ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ବିରିତୋଳ ପଞ୍ଚାୟତ ଜାଗୁଲାଇ ଠାରେ ସରପଞ୍ଚ ରମାମଣି ଦାସଙ୍କ ଅଧ୍ୟକ୍ଷତାରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମାଜସେବୀ ତଥା ସଂଗଠକ ଅଶ୍ୱିନୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ଜଗତସିଂହପୁର ଜିଲ୍ଲାପରିଷଦ ସଭାପତି ମନୋଜ କୁମାର ଭୋଇ, ସମ୍ମାନିତ ଅତିଥିଭାବେ ତିର୍ତ୍ତୋଲ ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ବେହେରା, ବ୍ଲକ ଉପାଧ୍ୟକ୍ଷା ସନ୍ଧ୍ୟାରାଣୀ ମହାନ୍ତି, ୩ ନମ୍ବର ଜୋନ୍ ଜିଲ୍ଲାପରିଷଦ ସୁନୀଲ ବେହେରା, ୪ ନମ୍ବର ଜୋନ୍ ଜିଲ୍ଲାପରିଷଦ ଗଙ୍ଗାଧର ବିଶ୍ୱାଳ, ବିଡ଼ିଓ ତପନ କୁମାର ସେନାପତି, ସମିତିସଭ୍ୟ ଜରବକ୍ତ ଖାନ, ରବିନାରାୟଣ ଜେନା, ତିର୍ତ୍ତୋଲ ଆମ୍ବା ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ମଲ୍ଲିକ, ସୁବ୍ରତ କୁମାର ଦାଶ, ଚିତ୍ତରଞ୍ଜନ ରଥ, ତାରାକାନ୍ତ ଜେନା, ସଂଗ୍ରାମ ମନ୍ତ୍ରୀ, ପର୍ଯ୍ୟବେକ୍ଷକ ସୋଲାର ମିଶ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣ ମାନଙ୍କୁ ଅବଗତ କରାଇଥିଲେ । ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ତୋଫାନ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଆରଏସ ରଶ୍ମିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା, ଏମ୍ବିକେ, ଅଙ୍ଗନବାଡି କର୍ମୀ, ଆଶାକର୍ମୀଙ୍କ ସହିତ ପଞ୍ଚାୟତର ଜନସାଧାରଣ ଉପସ୍ଥିତ ରହିଥିଲେ । ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟାଙ୍ଗନା ମାନଙ୍କୁ ଟ୍ରଫି, ମାନପତ୍ର ଦେଇ ସମ୍ବର୍ଦ୍ଧନା କରିଥିଲେ । ସୁନାକାର ପରିଡା, ଅଶୋକ ଦାସ, ପ୍ରଶାନ୍ତ ସାସମଲ, ସୁରେନ୍ଦ୍ର ମହାନ୍ତି, ଅକ୍ଷୟ ମହାନ୍ତି, ପ୍ରତାପ ପ୍ରଧାନ, ଚକ୍ରଧର ଶାସମାଲ, ଚନ୍ଦ୍ରମଣି ପରିଡା, ମୁରଲୀଧର ପରିଡା, ସେକ୍ ତହୁର ଅଲ୍ଲୀ, ସୁବ୍ରତ ମଲ୍ଲିକ, ରାମରତନ ନାୟକ, ମୁରଲୀଧର ସାହୁ, ଉମାକାନ୍ତ ବେହେରା, ଉମେଶ ଚନ୍ଦ୍ର ବେହେରା, ଅର୍ଜିତ ପୃଷ୍ଟି, ୱାର୍ଡ ସଭ୍ୟ ମାନସୀ ବେହେରା, ସୁରେଶ କୁମାର ଦାସ, କୃଷ୍ଣଚନ୍ଦ୍ର ଦାସ, ପବିତ୍ର ମୋହନ ଦାସ, ଅଙ୍ଗନବାଡି କର୍ମୀ ଜୟନ୍ତୀ ସାମଲ, ଅଞ୍ଜଳି ସ୍ୱାଇଁ, ଏମ୍ବିକେ ନଳିନୀ ପରିଜା, ସି ଆର ପି ଫୁଲ ସେଠୀଙ୍କ ସମେତ ପଞ୍ଚାୟତ ସହସ୍ରାଧିକ ଜନସାଧାରଣ ଯୋଗଦେଇଥିଲେ ।

## ଅନୁସୂଚିତ ଜାତି ଓ ଜନଜାତି ପଛୁଆ ବର୍ଗଙ୍କ ବୈଠକ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ ଓ ସଂଖ୍ୟାଲଘୁ ସମନ୍ୱୟ ସମିତି ଓଡ଼ିଶା କେନ୍ଦ୍ରାପଡା ଶାଖା ତରଫରୁ ଏକ ବୈଠକ ନେତା ନଗେନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ବିଶିଷ୍ଟ ବୁଦ୍ଧିଜୀବୀ ଅଭିରାମ ମଳିକ, ତରଣୀସେନ ନାୟକ, ସଂଜୟ ହାଓରା, ମାନସ ଜେନା, ଶରତ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇ ରାଜ୍ୟରେ ଦଳିତ ଓ ପଛୁଆ ବର୍ଗ ଜନଜାତି ଏବଂ ସଂଖ୍ୟା ଲଘୁ କିପରି ଉପକୃତ ହୋଇ ଆସୁଛନ୍ତି, ତାହା ଆଲୋଚନା କରିଥିଲେ । ଦଳିତ ନେତା ବାରେଣୀ ସେଠୀଙ୍କ ସଂଯୋଜନାରେ ଜିଲ୍ଲାର ସମସ୍ତ ବ୍ଲକ ଅଞ୍ଚଳ, ସଂଗଠକ ଓ ସାମାଜିକ କର୍ମୀମାନେ ଯୋଗଦେଇ ସାମ୍ବିଧାନିକ ହକ୍ ଓ ଅଧିକାର ପାଇଁ ଜୋରଦାର ଲଢେଇ ଜାରି ରଖିବାକୁ ସଂକଳ୍ପ ଘୋଷଣା କରିଥିଲେ । ଏଥିପାଇଁ ଆସନ୍ତା ୨୮ ତାରିଖରେ ଭୁବନେଶ୍ୱର ଠାରେ ବିଶାଳ ସମାବେଶରେ ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଯୋଗ ଦେବା ପାଇଁ ଆଲୋଚନା କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ରଞ୍ଜନ ମଳିକ, ସଂଗ୍ରାମ ମଳିକ, ପ୍ରମିଳା ସେଠୀ, ଦିଲୀପ ସେଠୀ, ସୀତାକାନ୍ତ ନାୟକ, ଦୁଃଶାସନ ମଳିକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।



## ବିଜେପି ପକ୍ଷରୁ ପଞ୍ଚାୟତ କାର୍ଯ୍ୟକର୍ତ୍ତା ସମ୍ମିଳନୀ

**ଆନନ୍ଦପୁର, ନ୍ୟୁଜ୍ ବ୍ୟୁରୋ**

ଆନନ୍ଦପୁର ଘସିପୁରା ବ୍ଲକ୍ ବିଜେପି ପକ୍ଷରୁ ଭଣ୍ଡାରିଡିହା ଓ ଶାମୁକାନେଣ୍ଡି ପଞ୍ଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ବସନ୍ତପୁରା ତୋଟାରେ ବରିଷ୍ଠ ନେତା ପ୍ରଣବ ପୁହାଣଙ୍କ ଅଧ୍ୟକ୍ଷତାରେ ଏହି ସମ୍ମିଳନୀ ଆୟୋଜିତ ହୋଇଥିଲା । ଏଥିରେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ଥାନୀୟ ଅଞ୍ଚଳରେ ବିଜେଡି କରୁଥିବା ହରିଲୁଟ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ଆହ୍ୱାନ ଦେଇଥିଲେ । କେନ୍ଦ୍ରୀୟ ଯୋଜନାର ସଫଳତା ସମ୍ପର୍କରେ ଲୋକଙ୍କୁ ଅଧିକ ସଚେତନ କରିବାକୁ ରାଜ୍ୟବ୍ୟାପି ହେଉଥିବା ଗାଁକୁ ଚାଲ ଅଭିଯାନ ସମ୍ପର୍କରେ ଯଜ୍ଞ ପ୍ରସାଦ ଆଲୋଚନା କରିଥିଲେ । ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ଘସିପୁରା ନିର୍ବାଚନ ମଣ୍ଡଳୀ ପ୍ରଭାରୀ ସୁବ୍ରତ କୁମାର ମହାନ୍ତି, ପୂର୍ବତନ ବିଧାୟକ ପ୍ରାର୍ଥୀ ଭଗବାନ ସାହୁ, ସ୍ଥାନୀୟ ନେତା ରାମଚନ୍ଦ୍ର ସା, ହାଡିବନ୍ଧୁ ସା, ଭଗବାନ ମହାରଣା, ଲିପୁନ ସା ପ୍ରମୁଖ ମୋଦି ସରକାରଙ୍କ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମିଳନୀରେ ଦୀନବନ୍ଧୁ ସଂଖୁଆଳ, ବିନୋଦ ବେହେରା, ସୁଦାମ ମୁର୍ମୁ, ଭିକାରୀ ମୁର୍ମୁ, କମଳା ସୋରେନ, ଜୟ ସିଂ କିସ୍କୁ, ପୁର୍ଣ୍ଣ ସଂଖୁଆଳ, କେଶବ ମହାନ୍ତି, ସୁରେନ୍ଦ୍ର ସରଗରିଆ, ପାରିଆ ଜେନା, ମଳୟ ମହାରଣା, ଜଗନ୍ନାଥ ଜେନା, ଜଟ ପୂର୍ତ୍ତି, ସୁଦର୍ଶନ ତିରିଆ, ବୀରଭଦ୍ର ଚମ୍ପିଆ, ବିଜୟ ପୂର୍ତ୍ତି, କାଳନ୍ଦୀ ମହାପାଟ, ବରଜୁ ଚାତର, ଗଙ୍ଗା ଚାତାର, କାହ୍ନୁନାୟକ, ଗୋପାଳ ଟୁଡୁ, ମାନସ ଖିଲାର, ବାପି ସୋରେନ, ଗୋବିନ୍ଦ ମହାରଣା, ବାବୁଲି ମହାରଣା, ଆକାଶ ମହାନ୍ତ, ପ୍ରଶାନ୍ତ ମହାନ୍ତ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ ।

30 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୧୧ ଫେବୃୟାରୀ, ରବିବାର, ୨୦୨୪

# ଆଇପିଏଲ୍ ପୂର୍ବରୁ ଲଞ୍ଚ ହେଲା ଥାଲ୍ଲାଙ୍କ ଜର୍ସିର ଫାଷ୍ଟ ଲୁକ୍

**ଚେନ୍ନାଇ**

ମହେନ୍ଦ୍ର ସିଂହ ଧୋନୀ। ଆଇପିଏଲ୍‌ର ଦମଦାର ଚରିତ୍ର । ସିଏସ୍‌କେ ପାଇଁ ସେ ଥାଲ୍ଲା ଭାବେ ପରିଚିତ। ଟିମ ଚେନ୍ନାଇ ପାଇଁ ସେ ସଂକଟମୋଚକ ଅଧିନାୟକ ଭାବେ ଦଳକୁ ଦେଇଛନ୍ତି ପାଞ୍ଚ ପାଞ୍ଚ ଥର ଟ୍ରଫି । ଏଥର ବି ମାହି ଜଲୱା ଦେଖିବାକୁ ଦର୍ଶକ ଅପେକ୍ଷାରେ । ଏଥର ଦଳର ଅଧିନାୟକ ଅଛନ୍ତି ମହେନ୍ଦ୍ର ସିଂହ ଧୋନୀ। ତେବେ ଆଇପିଏଲ୍ ୨୦୨୪ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍‌ର କେମିତି ରହିବ ଜର୍ସି ହେବ ସେନେଇ ଚର୍ଚ୍ଚା ହେଉଥିଲା । ଏବେ ସେ ଚର୍ଚ୍ଚାରେ ପଡିଛି ପୂର୍ଣ୍ଣଚ୍ଛେଦ । ଏବେ ଚେନ୍ନାଇ ଲଞ୍ଚ କରିଛି ନୂଆ ଜର୍ସି । ସିଏସ୍‌କେ ତରଫରୁ ଲଞ୍ଚ ହୋଇଛି ନୂଆ ଭିଡିଓ। ଏହି ଭିଡଓରେ ସେୟାର ହୋଇଛି ମାହୀଙ୍କ ପ୍ରଥମ ଝଲକ । ପୂର୍ବରୁ କୁହାଯାଉଥିଲା କି ଧୋନୀ ଏଥର ଆଇପିଏଲ ଖେଳିନପାରନ୍ତି । କିନ୍ତୁ ମାହୀ ଏନେଇ କିଛିଘୋଷଣା କରିନଥିଲେ । ଏବେ କିନ୍ତୁ ଜର୍ସି ଲଞ୍ଚ ପରେ ସବୁକିଛି ସ୍ପଷ୍ଟ ହୋଇଯାଇଛି। ଧୋନୀ ଖେଳିବା ନେଇ ସ୍ପଷ୍ଟ ଜଣାପଡିଛି । ଆଉ ଏକଥା ଜଣାପଡିବା ପରେ ଫ୍ୟାନ୍ସ ମହଲରେ ଖୁସି ଡବଲ ହୋଇଛି । ଦର୍ଶକ ମାହୀ ମ୍ୟାଜିକ ଦେଖିବାକୁ ଅନାଇ ରହିଛନ୍ତି । ଗତ ୨୦୨୩ରେ ସେ ପୁଣିଥରେ ଆଇପିଏଲ ଖେଳିବେ ବୋଲି ହିଣ୍ଟସ ଦେଇଥିଲେ। ସୂଚନା ଥାଉକି, ୨୫୦ ଆଇପିଏଲ୍ ମ୍ୟାଚ ଖେଳି ୫୦୮୨ ରନ କରିଥିଲେ ଏଥିରୁ ୧୪୨ କ୍ୟାଚ ୪୨ ଷ୍ଟମ୍ପ କରିଛନ୍ତି।




# ଭାରତ ଏବଂ ସ୍ପେନ ମଧ୍ୟରେ ପ୍ରୋ-ଲିଗ ମ୍ୟାଚ ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କଳିଙ୍ଗ ହକି ଷ୍ଟାଡିୟମରେ ଭାରତ ଏବଂ ସ୍ପେନ୍ ମଧ୍ୟରେ ଚାଲିଥିବା ପୁରୁଷ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ (୨୦୨୩-୨୪) ମ୍ୟାଚ୍ ଅନୁଧ୍ୟାନ କରି ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

ଶନିବାର ଷ୍ଟାଡିୟମର ପରିବେଶ ଜୀବନ୍ତ ଏବଂ ବୈଦ୍ୟୁତିକ ଥିଲା। ହକି ପ୍ରଶଂସକମାନେ ସେମାନଙ୍କ ପ୍ରିୟ ଦଳ ସହିତ ଟର୍ଫରେ ମୁଖ୍ୟମନ୍ତ୍ରୀଙ୍କୁ ଦେଖି ଖୁସି ହୋଇଥିଲେ । ଓଡ଼ିଶାରେ ଅନ୍ତର୍ଜାତୀୟ ହକି ପ୍ରତ୍ୟାବର୍ତ୍ତନରେ ଖୁସି ବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଛନ୍ତି, 'ଏହା ଅତ୍ୟନ୍ତ ଆନନ୍ଦଦାୟକ ଯେ ମୁଁ ପୁଣି ଥରେ ଓଡିଶାକୁ ହକି ଭ୍ରାତୃତ୍ୱକୁ ସ୍ୱାଗତ କରୁଛି। ବିଶ୍ୱକପ ୨୦୨୩ ଏକ ବଡ ସଫଳତା ଥିଲା ଏବଂ ସେହି ଦିନଠାରୁ ହକି ପ୍ରତି ଉତ୍ସାହ ବଢି ଚାଲିଛି। ଏଥିରେ ଅଂଶଗ୍ରହଣ କରୁଥିବା ସମସ୍ତ ଦଳକୁ ମୋର ଶୁଭେଚ୍ଛା।




ବର୍ଷ ବର୍ଷ ଧରି ହକି ଇଣ୍ଡିଆ ସହିତ ଓଡିଶାର ସହଭାଗିତା ଦେଶକୁ ସର୍ବୋତ୍ତମ ହକି ଟୁର୍ଣ୍ଣାମେଣ୍ଟ ଆଣିବା ଏବଂ ଏକ ଇକୋସିଷ୍ଟମ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଭାରତୀୟ ପୁରୁଷ ଦଳ ଫେବୃଆରୀ ୧୦ ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱରରେ ନିଜ ଘରୋଇ ମ୍ୟାଚରେ ନେଦରଲ୍ୟାଣ୍ଡ, ସ୍ପେନ୍, ଅଷ୍ଟ୍ରେଲିଆ ଏବଂ ଆୟର୍ଲାଣ୍ଡକୁ ଭେଟିବ। ଏହା ପରେ ସେମାନେ ୧୯ରୁ ୨୫ ଫେବୃଆରୀ ମଧ୍ୟରେ ହେବାକୁ ଥିବା ରିଟର୍ଣ୍ଣ ଫିକ୍‌ଚର୍ସ ପାଇଁ ରାଉରକେଲାକୁ ସ୍ଥାନାନ୍ତର କରିବେ। ଏହି ସମୟରେ ମହିଳା ଦଳ ଫେବୃଆରୀ ୧୨ ରୁ ୧୮ ପର୍ଯ୍ୟନ୍ତ ଆମେରିକା, ଚୀନ୍, ନେଦରଲ୍ୟାଣ୍ଡ ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ରିଟର୍ଣ୍ଣ ଫିକଚର ଖେଳିବ।

# ଆକାଶ ଦୀପଙ୍କୁ ଇଂଲଣ୍ଡ ବିପକ୍ଷ ସିରିଜ୍‌ର ଆଗାମୀ ମ୍ୟାଚ୍‌ରେ ମିଳିଛି ସୁଯୋଗ



**ମୁମ୍ବାଇ**

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଆସନ୍ତା ୧୫ ତାରିଖରୁ ଖେଳାଯିବ ତୃତୀୟ ମ୍ୟାଚ୍ । ରାଜକୋଟରେ ମୁହାଁମୁହିଁ ହେବେ ଦୁଇ ଦଳ। ବର୍ତ୍ତମାନ ୧-୧ରେ ଉଭୟ ଦଳ ରହିଛନ୍ତି। ହାଇଦ୍ରାବାଦ୍‌ରେ ଇଂଲଣ୍ଡ ଟିମ୍ ଭାରତୀୟ ଦଳକୁ ପରାସ୍ତ କରିଥିଲା। ଆଉ ବିଶାଖାପାଟଣାରେ ଇଂଲଣ୍ଡ ଟିମ୍‌କୁ ଭାରତୀୟ ଦଳ ପରାସ୍ତ କରିଥିଲା । ଯାହାଫଳରେ ୫ଟିକିଆ ସିରିଜ୍‌ରେ ୧-୧ରେ ରହିଛନ୍ତି ଉଭୟ ଦଳ । ତେବେ ଆଗାମୀ ତିନୋଟି ଟେଷ୍ଟ ଲାଗି ଭାରତୀୟ ଦଳ ଚୟନ ହୋଇଛି । ଏଥିରେ ନୂଆ ମୁହଁ ହିସାବରେ ଆକାଶ ଦୀପଙ୍କୁ ସାମିଲ କରାଯାଇଛି । ତେବେ କିଏ ଏହି ଆକାଶ ଦୀପ ?

ଆକାଶୀ ଦୀପ ଆଇପିଏଲ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ପାଇଁ ଖେଳୁଛନ୍ତି । ଏହାବ୍ୟତୀତ ରେଷ୍ଟ ଅଫ ଇଣ୍ଡିଆ ଏବେ ବଙ୍ଗଳା ଦଳର ପ୍ରତିନିଧିତ୍ୱ କରିସାରିଛନ୍ତି । ରେକର୍ଡ ଅନୁସାରେ ୨୯ଟି ପାଷ୍ଟ କ୍ଲାସ୍ କ୍ରିକେଟ୍ ମ୍ୟାଚ୍ ଖେଳି ୩.୦୪ ଇକୋନୋମିରେ ରନ୍ ଦେଇଛନ୍ତି। ଯେଉଁଥିରେ ୧୦୩ ୱିକେଟ୍ ଶିକାର କରିଛନ୍ତି । ଏହି ଯୁବ ଖେଳାଳି ୫ଟି ୱିକେଟ୍ ନେବାର କାରନାମା ୪ ଥର କରିସାରିଛନ୍ତି । ଏହାସହିତ ଗୋଟିଏ ଥର ୧୦ଟି ୱିକେଟ୍ ନେବାର କାରନାମା ମଧ୍ୟ କରିଛନ୍ତି ।

ଆକାଶୀ ଦିପ ଲିଷ୍ଟ-ଏ ମ୍ୟାଚ୍‌ରେ ୨୪.୫୦ ଆଭରେଜ୍‌ରେ ୪୨ଟି ୱିକେଟ୍ ନେଇଛନ୍ତି । ଏହାବ୍ୟତୀତ ୪୧ଟି ଟି-୨୦ ମ୍ୟାଚ୍ ଖେଳି ୭.୫୨ ଇକୋନୋମିରେ ରନ୍ ଦେଇଛନ୍ତି । ଯାହାର ଜବାବରେ ସେ ୪୮ଟି ୱିକେଟ୍ ହାତେଇଛନ୍ତି । ତେବେ ଦେଖିବାକୁ ବାକି ରହିଲା ଇଂଲଣ୍ଡ ବିପକ୍ଷ ଟେଷ୍ଟ ମ୍ୟାଚ୍‌ରେ ଆକାଶ ଦୀପଙ୍କୁ ସୁଯୋଗ ମିଳୁଛି ନା ନାହିଁ ।

ଭାରତୀୟ ଦଳ ରୋହିତ ଶର୍ମା (ଅଧିନାୟକ), ଜଶପ୍ରୀତ୍ ବୁମ୍‌ରା (ଉପ-ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ୍, ଶୁବମନ୍ ଗିଲ୍, କେଏଲ୍ ରାହୁଲ, ରଜଟ ପାଟିଦାର, ସରଫରାଜ ଖାନ୍, ଧ୍ରୁବ ଜୁଏଲ୍ (ୱିକେଟ୍ କିପର), କେଏସ୍ ଭରତ ( ୱିକେଟ୍ କିପର), ରବିଚନ୍ଦ୍ରନ ଅଶ୍ୱିନୀ, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ୍, ୱାସିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ୍, ମୁକେଶ କୁମାର, ଆକାଶ ଦୀପ।

# ଇଂଲଣ୍ଡ ବିପକ୍ଷ ୩ଟି ଟେଷ୍ଟ ପାଇଁ ଦଳ ଘୋଷଣା

## ଟିମ୍‌କୁ ଫେରିଲେ ରାହୁଲ-ଜାଡେଜା, ଖେଳିବେନି ବିରାଟ

**ମୁମ୍ବାଇ**

ଭାରତ-ଇଂଲଣ୍ଡ ଟେଷ୍ଟ ସିରିଜ୍ ଅନ୍ତିମ ୩ଟି ଟେଷ୍ଟ ଲାଗି ଟିମ୍ ଘୋଷଣା କରିଛି। ବିସିସିଆଇ ମୋଟ ୧୭ ଜଣିଆ ଟିମ୍ ଘୋଷଣା ହୋଇଛି। ହେଲେ ବିରାଟ ଆଗାମୀ ମ୍ୟାଚ୍ ଲାଗି ବାଦ୍ ପଡିଛନ୍ତି । ଆଉ ଦଳକୁ ଫେରିଛନ୍ତି କେଏଲ୍ ରାହୁଲ ଏବଂ ରବିନ୍ଦ୍ର ଜାଡେଜା ଉଭୟ ଦଳ ସିରିଜ୍‌ରେ ଏବେ ୧-୧ରେ ରହିଛନ୍ତି। ଆସନ୍ତା ୧୫ ତାରିଖରେ ରାଜକୋଟରେ ଖେଳାଯିବ ତୃତୀୟ ଟେଷ୍ଟ ମ୍ୟାଚ୍ ।




ଚୟନ କମିଟିର ଘୋଷଣା ଅନୁସାରେ, ଆଗାମୀ ୩ଟି ଟେଷ୍ଟ ଲାଗି ବିରାଟ ଅନୁପସ୍ଥିତ ରହିବେ। ବ୍ୟକ୍ତିଗତ କାମ ଲାଗି ବିରାଟ ଚୟନ ଲାଗି ଉପସ୍ଥିତ ରହିବେନାହିଁ । ତେଣୁ ତାଙ୍କ ନିଷ୍ପତ୍ତିକୁ ସମ୍ମାନ ଜଣାଇଛି । ବିସିସିଆଇ ଆଗାମୀ ତିନୋଟି ମ୍ୟାଚ୍ ଲାଗି ବିରାଟଙ୍କୁ ଚୟନ କରାଯାଇନାହିଁ। ସେହିପରି ରବିନ୍ଦ୍ର ଜାଡେଜା ଏବଂ କେଏଲ୍ ରାହୁଲ ଦଳକୁ ଫେରିଛନ୍ତି । କିନ୍ତୁ ସେମାନଙ୍କ ଫିଟ୍‌ନେସ୍ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯଦି ଆଗାମୀ ମ୍ୟାଚ୍ ପୂର୍ବରୁ ଉଭୟ ଖେଳାଳି ଫିଟ୍ ହୁଅନ୍ତି ତେବେ ସେମାନେ ଖେଳିବେ। ଦଳରେ ନୂଆ ମୁହଁ ହିସାବରେ ଆକାଶ ଦୀପଙ୍କୁ ସାମିଲ କରାଯାଇଛି ।

ତେବେ ଆହତ ସମସ୍ୟା ଲାଗି ଶ୍ରେୟସ ଆୟର ଆଗାମୀ ୩ଟି ଟେଷ୍ଟ ମ୍ୟାଚ୍‌ରୁ ବାଦ୍ ପଡିଛନ୍ତି। କିଛି ଦିନ ତଳେ ଶ୍ରେୟସ ଆୟରଙ୍କ ପିଠିରେ ଆଘାତ ଲାଗିଥିଲା । ଯାହା ପାଇଁ ତାଙ୍କୁ ଆଗାମୀ ମ୍ୟାଚ୍ ଲାଗି ଚୟନ କରାଯାଇନାହିଁ । ତୃତୀୟ ଟେଷ୍ଟ ମ୍ୟାଚ୍ ରାଜକୋଟରେ ଖେଳାଯିବାକୁ ଥିବା ବେଳେ ୪ର୍ଥ ମ୍ୟାଚ୍‌ରେ ରାଞ୍ଚିରେ ଖେଳାଯିବ। ବାକି ସିରିଜ୍‌ର ପଞ୍ଚମ ମ୍ୟାଚ୍ ଧର୍ମଶାଳା କ୍ରିକେଟ୍ ଗ୍ରାଉଣ୍ଡରେ ଖେଳାଯିବ।

ଭାରତୀୟ ଦଳ ରୋହିତ ଶର୍ମା (ଅଧିନାୟକ), ଜଶପ୍ରୀତ୍ ବୁମ୍‌ରା (ଉପ-ଅଧିନାୟକ), ଯଶସ୍ୱୀ ଜୈସ୍ୱାଲ୍, ଶୁବମନ୍ ଗିଲ୍, କେଏଲ୍ ରାହୁଲ, ରଜଟ ପାଟିଦାର, ସରଫରାଜ ଖାନ୍, ଧ୍ରୁବ ଜୁଏଲ୍ (ୱିକେଟ୍ କିପର), କେଏସ୍ ଭରତ ( ୱିକେଟ୍ କିପର), ରବିଚନ୍ଦ୍ରନ ଅଶ୍ୱିନୀ, ରବିନ୍ଦ୍ର ଜାଡେଜା, ଅକ୍ଷର ପଟେଲ୍, ୱାସିଂଟନ ସୁନ୍ଦର, କୁଲଦୀପ ଯାଦବ, ମହମ୍ମଦ ସିରାଜ୍, ମୁକେଶ କୁମାର, ଆକାଶ ଦୀପ।

# ବିରାଟ କୋହଲି ଏବଂ ଅନୁଷ୍କା ଶର୍ମାଙ୍କ କେମିତି ହେଲା ଦେଖା ସାକ୍ଷାତ

**ମୁମ୍ବାଇ**

ଭାରତର ଷ୍ଟାର କ୍ରିକେଟର ବିରାଟ କୋହଲି ଫ୍ୟାନ୍, ଫଲୋଅର ଜବରଦସ୍ତ । ସେ ସୋସିଆଲ ମିଡିଆ ହେଉ ବା ରିଅଲ ଲାଇଫ ସବୁଠି ସକ୍ରିୟ। ବେଳେ ବେଳେ କ୍ରିକେଟ ମୈଦାନରେ ଆକ୍ଟିଭ ଥିବାର ଆସନ୍ତି ନଜର । ପଡିଆରେ ଖେଳ ଛଡା ସେ ନିଜର ଡ୍ୟାନ୍ସ ଓ ଆକ୍ଟିଭିଟି ନେଇ ଫୋକସରେ ରହିଥାନ୍ତି । ଏମିତିକି ତାଙ୍କ ଫିଟ୍‌ନେସ୍‌କୁ ବି ପସନ୍ଦ କରନ୍ତି ଅନେକ।

କୋଟି କୋଟି ହୃଦୟରେ ରାଜ କରୁଥିବା ଏହି ଷ୍ଟାର କ୍ରିକେଟର ଅଭିନେତ୍ରୀ ଅନୁଷ୍କା ଶର୍ମାଙ୍କୁ ଦେଇ ବସିଥିଲେ ହୃଦୟ। ୨୦୨୭ରେ ଉଭୟ ବାନ୍ଧି ହୋଇଥିଲେ ବିବାହ ବନ୍ଧନରେ । ତେବେ ଏହି ଲଭ୍‌ବାର୍ଡଙ୍କ ଲଭଷ୍ଟୋରୀ କୌଣସି ଫିଲ୍ମର କାହାଣୀଠାରୁ କମ ନୁହେଁ। ୨୦୧୩ରେ ଉଭୟ ପ୍ରଥମ ଥର ପାଇଁ ଭେଟିଥିଲେ ଉଭୟଙ୍କୁ ।

କିନ୍ତୁ ଜାଣିଛନ୍ତି କି ବିରାଟ କୋହଲି ଏବଂ ଅନୁଷ୍କା ଶର୍ମା। ପ୍ରଥମ ଥର ପାଇଁ କେଉଁଠି ହୋଇଥିଲେ ଭେଟ। ଏହା ପରେ ଦୁହିଁଙ୍କ ମଧ୍ୟରେ କିପରି ଆରମ୍ଭ ହୋଇଥିଲା ସଂପର୍କ। ନିକଟରେ ବିରାଟ କୋହଲି ତାଙ୍କର ଏକ ସାକ୍ଷାତକାରରେ କହିଥିଲେ ଯେ ସେ ପ୍ରଥମେ ଅନୁଷ୍କା ଶର୍ମାଙ୍କୁ ୨୦୧୩ ମସିହାରେ ଭେଟିଥିଲେ।

ଉଭୟ ପ୍ରଥମ ଥର ପାଇଁ ଏକ ବିଜ୍ଞାପନ ସୁଟ ସେଟ୍‌ରେ ସାକ୍ଷାତ ହୋଇଥିଲେ। ବିରାଟ କୋହଲିଙ୍କ କହିବା କଥା ସେ ବହୁତ ନର୍ଭସ ଥିଲେ । ପ୍ରଥମ ବାର୍ତ୍ତାଳାପ ପରେ ସେ ଅନୁଷ୍କାଙ୍କ ସହ ଦ୍ୱିତୀୟ ଥର କଥା ହେବା ପରେ ସେ ଟିକିଏ ରିଲାକ୍ସ ଅନୁଭବ କରିଥିଲେ। ତେବେ କିଛି ଦିନ ପରେ ଦୁହେଁ ଦୁହିଁଙ୍କ ସହ ଅତିବାହିତ କରିଥିଲେ ସମୟ।

ପରସ୍ପର ସହ ମିଳାମିଶା କରୁଥିଲେ । ଏମିତି ଲାଗିଗଲା ୪ ବର୍ଷ । ୨୦୧୭ରେ ସବୁ ଚର୍ଚ୍ଚାକୁ ପଛରେ ପକାଇ କରିଥିଲେ ବିବାହ। ଉଭୟଙ୍କର ଗୋଟିଏ ଝିଅ ବି ଅଛି । ଯାହା ଶୁଣାଯାଉଛି ଆଉ କିଛି ଦିନ ପରେ ସେ ଦ୍ୱିତୀୟ ସନ୍ତାନକୁ ଜନ୍ମଦେବେ।

# ୩ୟ ଟେଷ୍ଟରେ କିପରି ରହିବ ଭାରତୀୟ ଦଳର ଚୂଡ଼ାନ୍ତ ଏକାଦଶ



**ନୂଆଦିଲ୍ଲୀ**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଶନିବାର ଇଂଲଣ୍ଡ ବିପକ୍ଷ ଅବଶିଷ୍ଟ ୩ ଟେଷ୍ଟ ପାଇଁ ଦଳ ଘୋଷଣା କରିଛି ଦଳ। ଘୋଷଣା ପରେ ଏବେ ସଭିଙ୍କ ନଜର ଚୂଡ଼ାନ୍ତ ଏକାଦଶ ଉପରେ ରହିଛି । ବ୍ୟକ୍ତିଗତ କାରଣରୁ ବିରାଟ କୋହଲି ପୁରା ସିରିଜ୍ ଓହରି ଯାଇଛନ୍ତି । ଆହତ କାରଣରୁ ଶ୍ରେୟସ ଆୟର ମଧ୍ୟ ଶୃଙ୍ଖଳାରୁ ବାଦ ପଡିଛନ୍ତି । କିନ୍ତୁ ଶ୍ରେୟସ କାହିଁକି ବାଦ ପଡ଼ିଲେ ତାର କାରଣ ଜଣାଇ ନାହିଁ । ବିସିସିଆଇ କେଏଲ ରାହୁଲ ଓ ରବୀନ୍ଦ୍ର ଜାଡ଼େଜାଙ୍କ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ହେଁ ଚୂଡ଼ାନ୍ତ ଏକାଦଶରେ ଉଭୟଙ୍କ ଚୟନ ସେମାନଙ୍କର ଫିଟନେସ ଉପରେ ନିର୍ଭର କରେ।

ଶ୍ରେୟସ ବାଦ ପଡ଼ିବାରୁ ନମ୍ବର ୪ରେ କାହାକୁ ସୁଯୋଗ ମିଳିବ ? ଯଦି କେଏଲ ରାହୁଲ ସଂପୂର୍ଣ୍ଣ ଫିଟ ହୋଇ ଯାଆନ୍ତି ତେବେ ନିଃସନ୍ଦେହ ସେ ଏହି କ୍ରମରେ ବ୍ୟାଟିଂ କରିବେ। ଯଦି କେଏଲ ରାହୁଲ ଫିଟ ନ ହୁଅନ୍ତି ତେବେ ସରଫରାଜ ଖାନଙ୍କୁ ପଦାର୍ପଣର ସୁଯୋଗ ମିଳିପାରେ।

ଏହା ବ୍ୟତୀତ ସଭିଙ୍କ ନଜର ରବୀନ୍ଦ୍ର ଜାଡ଼େଜାଙ୍କ ପ୍ରତ୍ୟାବର୍ତ୍ତନ ଉପରେ ରହିଛି । ଜାଡ଼େଜା ଯଦି ଫିଟନେସ ପରୀକ୍ଷଣରେ ଉତ୍ତୀର୍ଣ୍ଣ ହୁଅନ୍ତି ତେବେ ଅକ୍ଷର ପଟେଲ କିମ୍ବା କୁଲଦୀପ ଯାଦବଙ୍କ ମଧ୍ୟରୁ ଜଣକୁ ଦଳରୁ ବାଦ ଦିଆଯାଇପାରେ। ସିରିଜ୍‌ର ପ୍ରଥମ ଦୁଇଟି ମ୍ୟାଚ୍ ଅକ୍ଷର ପ୍ରଭାବଶାଳୀ ବୋଲିଂ କରି ପାରି ନ ଥିଲେ ହେଁ ବ୍ୟାଟିଂରେ ଭଲ ଯୋଗଦାନ ଦେଇଛନ୍ତି। ଅନ୍ୟପଟେ କୁଲଦୀପ ଯାଦବଙ୍କୁ ଦ୍ୱିତୀୟ ଟେଷ୍ଟେ ସୁଯୋଗ ମିଳିଥିଲା। ସେ ଇଂଲିଶ ବ୍ୟାଟରଙ୍କୁ ବେଶ ଅଡୁଆରେ ପକାଇଥିଲେ ଓ ୪ଟି ୱିକେଟ ଅକ୍ତିଆର କରିଥିଲେ।

ଭାରତୀୟ ଦଳରେ ତୃତୀୟ ପରିବର୍ତ୍ତନ ଦ୍ରୁତ ବୋଲର ମୁକେଶ କୁମାରଙ୍କ ରୂପେ ହୋଇପାରେ ମହମ୍ମଦ ସିରାଜଙ୍କୁ ଦ୍ୱିତୀୟ ଟେଷ୍ଟରେ ବିଶ୍ରାମ ଦିଆଯାଇଥିଲା, ଯାହା ଫଳରେ ମୁକେଶ କୁମାରଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିଥିଲେ ହେଁ ସେ ଏହାର ଫାଇଦା ଉଠାଇ ପାରି ନ ଥିଲେ। ତେଣୁ ସେ ଚୂଡ଼ାନ୍ତ ଏକାଦଶରୁ ବାଦ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି।

Phone-06842-253708
E-mail: rw_phulbani@yahoo.co.in

e-Despatch (for official use only) Government of Odisha
WEB : No Yes
Fax e-Mail SMS Local
RP SP OP SM

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, PHULBANI
*******

O-2497

No……893…………………..RWDP, Dated the 08.02.2024

**Government of Odisha e-Procurement Notice**
**Bid Identification No. Online Tender/17/EERWD PHULBANI/ 2023-24**

| | | | |
|---|---|---|---|
| 1 | Name of the work | :: | Building Work (26Nos.) |
| 2 | Estimated cost | :: | Rs. 46.27 Lakhs to Rs. 46.28 Lakhs |
| 3 | Period of Completion | :: | Six Calendar month |
| 4 | Date & Time of availability of Bid documents in the Portal | :: | From 16.02.2024 10.00 AM.to 27.02.2024 Up to 5.00 PM |
| 5 | Last Date/ Time for receipt of Bids in the Portal | :: | 27.02.2024 up to 5.00 PM |
| 6 | Name and address of the Officer Inviting Bid | :: | Executive Engineer, Rural Works Division, Phulbani |

Further details can be seen from the e-procurement portal website www.tendersodisha.gov.in

*Executive Engineer*
*Rural Works Division*
*Phulbani*

**OIPR : 25077/11/0018/2324**

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, JAJPUR

O-2496

'E' PROCUREMENT NOTICE NO.Tender Online 30 JJPT of 2023-24

| | | |
|---|---|---|
| 1. | Name of work | : Building Works. |
| 2. | Total No of Work | : 4 Nos. Building Works. |
| 3. | Estimated Cost (Approx.) | : Rs. 67.93 & 69.00 Lakhs |
| 4. | Period of Completion | : 09 Months |
| 5. | Class of contractors | : B Class |

Other details as follows:

| | | |
|---|---|---|
| a) | Procurement officer Rural Works Division, Jajpur | : Executive Engineer, |
| b) | Availability of tender online & submission of bid | :12.02.2024 at 10.00 AM to 22.02.2024 upto 5.00 PM |
| c) | Last date & time of seeking of tender clarification | : 21.02.2024 up to 5.00 PM |
| d) | Opening of Technical Bid | : 23.02.2024 at 11.30 A.M. |

Further details can be seen from the Govt. website www.tendersodisha.gov.in

**Executive Engineer**
**Rural Works Division**
**Jajpur**

**OIPR : 25047/11/0046/2324**

# ଏସୟୁଆଇଆଇଟିର ୧୪ତମ ପ୍ରତିଷ୍ଠା ଦିବସ

## ପୂର୍ବ ଭାରତକୁ ଦେଶର ଅଭିବୃଦ୍ଧି ପାଇଁ ଏକ ଶକ୍ତିଶାଳୀ ମାଧ୍ୟମରେ ପରିଣତ କରିବା ପ୍ରଧାନମନ୍ତ୍ରୀ ଲକ୍ଷ୍ୟ : ଡ. ପିକେ ମିଶ୍ର

**ଡ. ପି.କେ ମିଶ୍ର**
ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଡକ୍ଟର ପିକେ ମିଶ୍ର ସମ୍ବଲପୁର ବିଶ୍ୱବିଦ୍ୟାଳୟ ସୂଚନା ପ୍ରଦ୍ୟୋଗିକ ସଂସ୍ଥାନ (ଏସୟୁଆଇଆଇଟି)ର ୧୪ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ଉଦ୍‌ବୋଧନ ଦେଇଛନ୍ତି।

ଡକ୍ଟର ମିଶ୍ର କହିଥିଲେ, ଆମେ ଯେଉଁ ଅଭିବୃଦ୍ଧି ହାସଲ କରିବାକୁ ଚାହୁଁଛୁ ତାହାକୁ ପ୍ରୋତ୍ସାହିତ କରିବା ପାଇଁ ସାଧାରଣତଃ ବୈଷୟିକ ଜ୍ଞାନକୌଶଳ ଏବଂ ବିଶେଷକରି ଅତ୍ୟାଧୁନିକ ଏବଂ ଉଦୀୟମାନ ଜ୍ଞାନକୌଶଳକୁ ବ୍ୟବହାର କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ କରନ୍ତି ।

ଏହି ଅଞ୍ଚଳରେ ଜ୍ଞାନ ଓ ଶିକ୍ଷାର ପ୍ରତୀକ ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଦୀର୍ଘଦିନର ଖ୍ୟାତି ଉପରେ ଆଲୋକପାତ କରି ଡକ୍ଟର ମିଶ୍ର ଏସୟୁଆଇଆଇଟି ପ୍ରତିଷ୍ଠାକୁ ପ୍ରଶଂସା କରିଥିଲେ । ଏହା ଶିକ୍ଷାଗତ ଉତ୍କର୍ଷତାର କେନ୍ଦ୍ର ଭାବରେ ବିଶ୍ୱବିଦ୍ୟାଳୟର ସ୍ଥିତିକୁ ଆହୁରି ସୁଦୃଢ଼ କରିଥିଲା ବୋଲି କହିଥିଲେ। ସୂଚନା ପ୍ରଯୁକ୍ତି ବିଦ୍ୟା ଉପରେ ଗୁରୁତ୍ୱ ଦେଇ ଏହି ଅନୁଷ୍ଠାନ କେବଳ ଯୁବପିଢ଼ିଙ୍କୁ ଅତ୍ୟାବଶ୍ୟକ ଡିଜିଟାଲ ଯୁଗର ଦକ୍ଷତା ପ୍ରଦାନ କରେ ନାହିଁ ବରଂ ଜାତୀୟ ପ୍ରଗତି ପାଇଁ ଜରୁରୀ ଜ୍ଞାନ ଭିତ୍ତିକ ଅର୍ଥବ୍ୟବସ୍ଥା ପାଇଁ ଭିତ୍ତିଭୂମି ପ୍ରସ୍ତୁତ କରିଥାଏ ।

ଏହାବ୍ୟତୀତ ଶିକ୍ଷା ଓ ଶିଳ୍ପ ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବା ଉପରେ ଗୁରୁତ୍ୱାରୋପ କରି ପ୍ରମୁଖ ଶାସନ ସଚିବ କହିଥିଲେ ଯେ, ସ୍ନାତକମାନେ କେବଳ ବିଷୟ ଜ୍ଞାନରେ ପାରଙ୍ଗମ ନୁହଁନ୍ତି ବରଂ ବଜାର ପାଇଁ ଆବଶ୍ୟକ ବ୍ୟବହାରିକ ଦକ୍ଷତା ମଧ୍ୟ ସେମାନଙ୍କ ପାଖରେ ଅଛି।

ବିଜ୍ଞାନ ଓ ଇଞ୍ଜିନିୟରିଂ ଗବେଷଣା ବୋର୍ଡ (ଏସ୍‌ଇଆରବି), ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ, ଟାଟା ପାୱାର ଏବଂ ହିଣ୍ଡାଲ୍କୋ ଭଳି ପ୍ରତିଷ୍ଠିତ ଅନୁଷ୍ଠାନ ଓ ଶିଳ୍ପ ଗୁଡ଼ିକ ସହ ଏସଆଇଆଇଟିର ବର୍ତ୍ତମାନର ସହଭାଗିତାକୁ ଶ୍ରୀ ପିକେ ମିଶ୍ର ପ୍ରଶଂସା କରିଥିଲେ। ଏଥିସହିତ ଆଇଆଇଏମ୍ ସମ୍ବଲପୁର ସହିତ ଭବିଷ୍ୟତରେ ସହଭାଗିତା ପାଇଁ ଅନୁଷ୍ଠାନର ଯୋଜନାକୁ ସ୍ୱାଗତ କରିଥିଲେ। ବିଗ୍ ଡାଟା ଏନାଲିସିସ୍, ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ, ବ୍ଲକ୍ ଚେନ୍ ଆଦି କ୍ଷେତ୍ରରେ ବିଶ୍ୱବିଦ୍ୟାଳୟ ଯେଉଁ ସ୍ୱତନ୍ତ୍ର ପାଠ୍ୟକ୍ରମ ପ୍ରଦାନ କରିବାକୁ ଯୋଜନା କରୁଛି, ସେଥିପ୍ରତି ମଧ୍ୟ ସେ ଆଗ୍ରହ ପ୍ରକାଶ କରିଛନ୍ତି।




ଡକ୍ଟର ପିକେ ମିଶ୍ର ଅନୁସନ୍ଧାନ ଜାତୀୟ ଗବେଷଣା ଫାଉଣ୍ଡେସନ (ଏଏନ୍‌ଆରଏଫ୍) ସମେତ ଭାରତ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇ ଏସୟୁଆଇଆଇଟିକୁ ସହଯୋଗର ସମ୍ଭାବନା ଖୋଜିବାକୁ ଅନୁରୋଧ କରିଥିଲେ। ୫୦,୦୦୦ କୋଟିର ବଜେଟ୍ ସହିତ ଗବେଷଣା ଓ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଉଥିବା ଏଏନ୍‌ଆରଏଫ୍ ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ଗବେଷଣା ଅନୁଷ୍ଠାନ ଗୁଡ଼ିକ ମଧ୍ୟରେ ସହଯୋଗ ପାଇଁ ଏକ ଆକର୍ଷଣୀୟ ମାର୍ଗ ଉପସ୍ଥାପନ କରୁଛି ବୋଲି ସେ କହିଥିଲେ।

ବିଭିନ୍ନ ଶିକ୍ଷାନୁଷ୍ଠାନରେ ଭିତ୍ତିଭୂମି ବିକାଶ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଗବେଷଣା ଓ ବିକାଶ ପ୍ରକଳ୍ପ ପାଇଁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ସହଯୋଗ ସମ୍ପର୍କରେ ଡ. ପି.କେ.ମିଶ୍ର ଆଲୋକପାତ କରିଥିଲେ। ଆଇଆଇଟି ଏବଂ ଆଇଆଇଏସସି ଭଳି ପ୍ରମୁଖ ଅନୁଷ୍ଠାନ ବ୍ୟତୀତ ଗବେଷଣା ପରିସରକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ଡକ୍ଟର ମିଶ୍ର ଗବେଷଣା ଓ ବିକାଶ ପଦକ୍ଷେପ ପାଇଁ ମନ୍ତ୍ରଣାଳୟର ସମର୍ଥନ ଲୋଡ଼ିବାକୁ ଏସୟୁଆଇଆଇଟିର ଅଧ୍ୟାପକ ଏବଂ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ।

ଇଲେକ୍ଟ୍ରୋନିକ୍ସ ସିଷ୍ଟମ ଡିଜାଇନ ଆଣ୍ଡ ମ୍ୟାନୁଫାକ୍‌ଚରିଂ (ଇଏସଡିଏମ) ଏବଂ ଆଇଟି/ଆଇଟି ସକ୍ଷମ ସେବାରେ ପିଏଚଡି ସଂଖ୍ୟା ବୃଦ୍ଧି ପାଇଁ ଡିଜାଇନ୍ କରାଯାଇଥିବା ବିଶ୍ୱେଶ୍ୱରାୟ ପିଏଚଡି ଯୋଜନା ବିଷୟରେ ମଧ୍ୟ ଡ. ପିକେ ମିଶ୍ର ଉଲ୍ଲେଖ କରିଥିଲେ । ଏହି ସୁଯୋଗର ଅନୁସନ୍ଧାନ କରିବାକୁ ଏସ୍ୟୁଆଇଆଇଟିକୁ ଅନୁରୋଧ କରିଥିଲେ। ଏହାବ୍ୟତୀତ ପରମ ଶକ୍ତି ଓ ପରମ କାମରୂପ ଭଳି କମ୍ପ୍ୟୁଟେସନାଲ ସମ୍ବଳ ଉପଲବ୍ଧ କରାଇବା ପାଇଁ ନ୍ୟାସନାଲ ସୁପରକମ୍ପ୍ୟୁଟିଂ ମିଶନ ସହ ସହଭାଗିତା ସ୍ଥାପନ କରିବାକୁ ସେ ପରାମର୍ଶ ଦେଇଥିଲେ।

ଉଦୀୟମାନ ଜ୍ଞାନ କୌଶଳ ଉପରେ ଡିଜିଟାଲ ଦକ୍ଷତା ପ୍ରଶିକ୍ଷଣ ପ୍ରଦାନ ପାଇଁ ସରକାର ଏବଂ ନାସ୍କମ୍ ମଧ୍ୟରେ ମିଳିତ ପ୍ରୟାସ ଫ୍ୟୁଚର ସ୍କିଲ୍ସ ପ୍ରାଇମ୍ କାର୍ଯ୍ୟକ୍ରମ ଉପରେ ଡ. ମିଶ୍ର ଆଲୋକପାତ କରିଥିଲେ। ଓଡ଼ିଶା ସରକାରଙ୍କ ସହଯୋଗରେ ଏହି ଶିଳ୍ପଭିତ୍ତିକ ପାଠ୍ୟକ୍ରମର ଲାଭ ଉଠାଇବା ପାଇଁ ସେ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ।

ଆପ୍ଲିକେସନ୍, ଟେକ୍ନୋଲୋଜି, ଇଞ୍ଜିନିୟରିଂ ଏବଂ ଗଣିତରେ ଛାତ୍ରଛାତ୍ରୀଙ୍କ ଉଦ୍ଭାବନ ଦକ୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏଆଇସିଟିଇ ସହଯୋଗରେ ଆଇଡିଆ ଲ୍ୟାବ୍ ପ୍ରତିଷ୍ଠା କରିବାକୁ ଡ. ପି.କେ ମିଶ୍ର ପ୍ରସ୍ତାବ ଦେଇଥିଲେ। ଆଇଟି ସମ୍ବନ୍ଧୀୟ ପାଠ୍ୟକ୍ରମକୁ ବୃଦ୍ଧି କରିବା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଏବଂ ଆଇଆଇଟି ମାଡ୍ରାସ ମଧ୍ୟରେ ହେବାକୁ ଥିବା ବୁଝାମଣାପତ୍ର ବିଷୟରେ ମଧ୍ୟ ସେ ଉଲ୍ଲେଖ କରିଥିଲେ ।

ଉଚ୍ଚଶିକ୍ଷା ଓ ଗବେଷଣାର ବିକଶିତ ଦୃଶ୍ୟ ଉପରେ ଡ. ମିଶ୍ର ଆଲୋକପାତ କରିଥିଲେ । ସେ ଗବେଷଣା ଭିତ୍ତିକ ସମାଧାନର ବଢୁଥିବା ଚାହିଦା ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଦ୍ୱାରା ବର୍ଦ୍ଧିତ ପାଣ୍ଠି, ଉଦୀୟମାନ ଜ୍ଞାନକୌଶଳ ଏବଂ ଷ୍ଟାର୍ଟଅପ୍ ପାଇଁ ସୁଯୋଗ ବୃଦ୍ଧି ପାଇଥାଏ । ଉଚ୍ଚଶିକ୍ଷା କ୍ଷେତ୍ରକୁ ସମାବେଶ ଏବଂ ବିବିଧତା ପୂର୍ଣ୍ଣ କରିବା ଉପରେ ସେ ଗୁରୁତ୍ୱାରୋପ କରି କହିଥିଲେ, ଏପରି ଏକ ପରିବେଶକୁ ଉତ୍ସାହିତ କରାଯିବା ଉଚିତ୍ ଯେଉଁଠି ସମସ୍ତ ପୃଷ୍ଠଭୂମିର ଛାତ୍ରଛାତ୍ରୀମାନେ ସେମାନଙ୍କର ଆକାଂକ୍ଷା ପୂରଣ କରିବା ପାଇଁ ସଶକ୍ତ ଅନୁଭବ କରିପାରିବେ।

ଭୁବନେଶ୍ୱର
୧୧ ଫେବୃୟାରୀ
ରବିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24



ଭୁବନେଶ୍ୱର : ବିଧାନସଭାର ଶେଷ ଅଧିବେଶନ ସମାପ୍ତ ହେବା ପରେ ଆୟୋଜିତ ଫଟୋ ସେସନରେ ମନ୍ତ୍ରୀ, ବିଧାୟକମାନଙ୍କ ଗ୍ରହଣରେ ବାଚସ୍ପତି ପ୍ରମିଳା ମଲ୍ଲିକ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। (ଫଟୋ : ସମ୍ବାଦ କଳିକା)

# ମହାପ୍ରଭୁଙ୍କ ଦୁର୍ଲଭ ପଦ୍ମବେଶ

**ପୁରୀ, ୧୦/୨ ନ୍ୟୁଜ ବ୍ୟୁରୋ**

ମାଘ ମାସ ଅମାବାସ୍ୟାଠାରୁ ଶ୍ରୀପଞ୍ଚମୀ ମଧ୍ୟରେ ବୁଧବାର କିମ୍ବା ଶନିବାର ପଡ଼ିଲେ ସେହିଦିନ ମହାପ୍ରଭୁଙ୍କ ଅତୀବ ରମଣୀୟ ପଦ୍ମ ବେଶ ହୋଇଥାଏ। ତେଣୁ ଶନିବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପଦ୍ମବେଶ ଅନୁଷ୍ଠିତ ହୋଇଛି। ବଡ଼ସିଂହାର ବେଶରେ ଠାକୁରମାନଙ୍କୁ ଏହି ବେଶ କରାଯାଇଛି। ଏହି ବେଶ ପରେ ଖିରି ଓ ଅମାଲୁ ଭୋଗ କରାଯାଇଛି। ପଦ୍ମବେଶ ଥାଇ ଠାକୁର ପହୁଡ଼ ହୋଇଛନ୍ତି। ଗୁରୁବାର ମଙ୍ଗଳ ଆଳତି ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଏହି ବେଶ ରହିବ। ମଙ୍ଗଳା ଆଳତିରେ ଭକ୍ତମାନେ ଦୁର୍ଲ୍ଲଭ ପଦ୍ମବେଶରେ ଠାକୁରଙ୍କୁ ଦର୍ଶନ କରିପାରିବେ। ଏହାପରେ ଅବକାଶ ହୋଇ



ବେଶ ଓଲାଗି କରାଯିବ। ତେବେ ବଡ଼ଛତା ମଠ ପକ୍ଷରୁ ପ୍ରତିବର୍ଷ ଏହି ବେଶ ଯୋଗାଇ ଦିଆଯାଇଥାଏ। ଗଙ୍ଗାମାତା ମଠ ପରିସରରେ ପାରମ୍ପରିକ ବେଶ କାରିଗର ବସନ୍ତ ରଣାଙ୍କ ନେତୃତ୍ୱରେ ଏହି ବେଶ୍ ନିର୍ମାଣ ହୋଇଥିଲା। ଶୋଲ, ଜରି, କଦଳୀପଟ, କନା, କଇଁଥ ଅଠା, ରଙ୍ଗ ସାହାଯ୍ୟରେ ନିର୍ମାଣ କରାଯାଇଛି।

## ହିନ୍ଦି ଶିକ୍ଷକ ନିଯୁକ୍ତିରେ ଲାଗିଲା ରହିତାଦେଶ

# ହାଇକୋର୍ଟଙ୍କ ବିନା ଅନୁମତିରେ ପ୍ରକାଶ କରାଯିବନି ଚୂଡାନ୍ତ ମେଧା ତାଲିକା

**କଟକ,୧୦/୨ ନ୍ୟୁଜ ବ୍ୟୁରୋ**

ସର୍ଭିସ ସିଲେକସନ୍ ବୋର୍ଡ ଦ୍ୱାରା ଚାଲିଥିବା ହିନ୍ଦି ଶିକ୍ଷକ ନିଯୁକ୍ତି ଉପରେ ହାଇକୋର୍ଟ ଅନ୍ତରୀଣ ରହିତାଦେଶ ଲଗାଇଛନ୍ତି। ବିଚାରପତି ବିରଜା ପ୍ରସନ୍ନ ଶତପଥୀ ଏ ସଂକ୍ରାନ୍ତୀୟ ମାମଲାର ଶୁକ୍ରବାର ଶୁଣାଣି କରି ଅଦାଲତଙ୍କ ବିନା ଅନୁମତିରେ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ନକରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ଏ ନେଇ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ଓ ବୋର୍ଡକୁ ନୋଟିସ ଜାରି କରିଛନ୍ତି। ମାମଲାର



ପରବର୍ତ୍ତୀ ଶୁଣାଣି ନିମନ୍ତେ ଆସନ୍ତା ୨୬କୁ ଧାର୍ଯ୍ୟ କରାଯାଇଛି।

ମାମଲାର ବିବରଣୀ ଅନୁସାରେ, ହିନ୍ଦି ଶିକ୍ଷକ ନିଯୁକ୍ତି ନିମନ୍ତେ ଗଣଶିକ୍ଷା ବିଭାଗ ପକ୍ଷରୁ ୨୦୨୦ ନଭେମ୍ବର ୧୮ରେ ପ୍ରସ୍ତାବ ପାରିତ ହୋଇଥିଲା। ସରକାରଙ୍କ ତରଫରୁ ପାରିତ ଏହି ପ୍ରସ୍ତାବରେ ହିନ୍ଦି ଶିକ୍ଷକଙ୍କ ଯୋଗ୍ୟତା ନିମନ୍ତେ ସାଧାରଣ ବିଏଡ୍ ନଥିଲା। ପୁଣି ୪ମାସ ପରେ ଅର୍ଥାତ୍ ୨୦୨୩ ଡିସେମ୍ବର ୧୩ରେ ରାଜ୍ୟର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ସ୍ନାତକ ତାଲିମପ୍ରାପ୍ତ ଶିକ୍ଷକ ନିଯୁକ୍ତି ଲାଗି ବୋର୍ଡ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ହିନ୍ଦି ଶିକ୍ଷକଙ୍କ ନିମନ୍ତେ ସାଧାରଣ ବିଏଡ୍‌କୁ ଯୋଗ୍ୟତା ଭାବେ ସାମିଲ କରାଯାଇଥିଲା। ଏନେଇ ନେତ୍ରାନନ୍ଦ ବାଗ ଓ ଅନ୍ୟମାନଙ୍କ ପକ୍ଷରୁ ହାଇକୋର୍ଟରେ ଏକ ମାମଲା ଦାୟର ହୋଇଥିଲା। କାହିଁକି ଏହି ବିଏଡ୍ ଯୋଗ୍ୟତାକୁ ଯୋଡ଼ାଗଲା ବହୁବାର ଅଭିଯୋଗ ପରେ ମଧ୍ୟ ସରକାର ସ୍ପଷ୍ଟ କରିନଥିଲେ। ଫଳରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ସହ ସାଧାରଣ ବିଇଡିକୁ ହିନ୍ଦି ଶିକ୍ଷକ ଯୋଗ୍ୟତାରୁ ବାଦ ଦେବାକୁ ପ୍ରାର୍ଥନା କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ କୁନାଳ କୁମାର ସ୍ୱାଇଁ ମାମଲା ପରିଚାଳନା କରୁଛନ୍ତି।





## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com






## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ୍ଥ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ବଳକା ଉଷୁନା ଚାଉଳ କାହିଁକି ଉଠାଯାଉନାହିଁ ବୋଲି ସଂସଦରେ ପ୍ରଶ୍ନ କଲେ ମାନସ ମଙ୍ଗରାଜ

**ନୂଆଦିଲ୍ଲୀ, ୧୦/୨**

ଓଡ଼ିଶାରୁ ବଳକା ଉଷୁନା ଚାଉଳ ଏଫସିଆଇ ଉଠାଉ ନଥିବା ନେଇ ସଂସଦରେ ଉଦ୍‌ବେଗ ପ୍ରକାଶ କଲେ ବିଜେଡି ସାଂସଦ ମାନସ ରଞ୍ଜନ ମଙ୍ଗରାଜ। ଏ ସମ୍ପର୍କରେ ଏକ ଅଣତାରକା ପ୍ରଶ୍ନରେ ବଳକା ଉଷୁନା ଚାଉଳ କାହିଁକି ଉଠାଯାଉନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାର ଉତ୍ତର ରଖିଛନ୍ତି ଗ୍ରାମ୍ୟ ଉନ୍ନୟନ ଓ ଖାଉଟି କଲ୍ୟାଣ ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ବିଭାଗ ରାଷ୍ଟ୍ରମନ୍ତ୍ରୀ



ସାଧ୍ୱୀ ନିରଞ୍ଜନ ଜ୍ୟୋତି। ସେ କହିଛନ୍ତି- କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏନେଇ ଏକ ବୁଝାମଣା ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ଚୁକ୍ତି ଅନୁଯାୟୀ ଏଫସିଆଇ ସବୁ ରାଜ୍ୟରୁ ଚାଉଳ ଉଠାଇଥାଏ। ୨୦୨୨-୨୩ ଖରିଫ ଋତୁରେ ୫୩.୮୫ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଓଡ଼ିଶା ଯୋଗାଇଛି। ସେଥିମଧ୍ୟରୁ ୪୪.୧୮ ଲକ୍ଷ ମେଟ୍ରିକ ଟନ୍ ହେଉଛି ଉଷୁନା ଚାଉଳ। ସେଣ୍ଟ୍ରାଲ ପୁଲ୍‌କୁ ଓଡ଼ିଶା ପଠାଇଥିବା ଚାଉଳ ମଧ୍ୟରୁ ନିଜସ୍ୱ ବ୍ୟବହାର ପାଇଁ ୩୧.୩୭ ଲକ୍ଷ ମେଟ୍ରିକ ଟନ୍ ରଖିଥିଲା। ବଳକା ୨୨.୪୮ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଏଫସିଆଇ ଉଠାଇଛି। ଏଫସିଆଇ ପାଖରେ ପର୍ଯ୍ୟାପ୍ତ ଷ୍ଟୋରେଜ କ୍ଷମତା ରହିଛି। ଯଦ୍ଦ୍ୱାରା ଓଡ଼ିଶାର ବଳକା ଚାଉଳ ଉଠାଇବାରେ କୌଣସି ଅସୁବିଧା ନାହିଁ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ୫ହଜାର ଟଙ୍କା ଲାଞ୍ଚ ନେଇ ପ୍ରଧାନ ଶିକ୍ଷକ ଗିରଫ



**ଭୁବନେଶ୍ୱର,୧୦/୨ ନ୍ୟୁଜ ବ୍ୟୁରୋ**

ଚତୁର୍ଥ ଶ୍ରେଣୀ କର୍ମଚାରୀଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ ହାଇସ୍କୁଲର ପ୍ରଧାନ ଶିକ୍ଷକ। ମାତ୍ର ଏହି ସମୟରେ କେନ୍ଦ୍ରାପଡା ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକ ନିରଞ୍ଜନ ଅତିଙ୍କୁ ମାଡ଼ି ବସିଲେ ଭିଜିଲାନ୍ସ ଅଧିକାରୀ। ପ୍ରଧାନ ଶିକ୍ଷକଙ୍କଠାରୁ କିଛି ନଗଦ ଟଙ୍କା ଜବତ ହୋଇଥିବା ସୂଚନା ରହିଛି।

ପ୍ରଧାନ ଶିକ୍ଷକ ନିରଞ୍ଜନ ଲୋନ୍ କାଗଜପତ୍ରରେ ଦସ୍ତଖତ କରିବା ପାଇଁ ନିଜ ସ୍କୁଲର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଠାରୁ ୫ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଏନେଇ କର୍ମଚାରୀ ଜଣଙ୍କ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ପୂର୍ବ ଯୋଜନା ଅନୁଯାୟୀ ଶନିବାର ସକାଳେ ପ୍ରଧାନ ଶିକ୍ଷକ ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନଥିବା ବେଳେ ପ୍ରଧାନଶିକ୍ଷକ ମଧ୍ୟ ଗଣମାଧ୍ୟମ ଆଗରେ ମୁହଁ ଖୋଲି ନାହାନ୍ତି। ଭିଜିଲାନ୍ସ ପ୍ରଧାନ ଶିକ୍ଷକଙ୍କୁ ପଚରାଉଚରା କରୁଥିବା ସୂଚନା ରହିଛି।

# କଟକ ସହରକୁ ଫାଇଲେରିଆ ମୁକ୍ତ କରିବାକୁ ଅଭିଯାନ ଆରମ୍ଭ

**କଟକ, ୧୦/୦୨ ନ୍ୟୁଜ ବ୍ୟୁରୋ**

କଟକ ସହରର ୫ଟି ୱାର୍ଡରେ ଏବେବି ଫାଇଲେରିଆ ରୋଗର ପ୍ରଭାବ ପରିଲକ୍ଷିତ ହେଉଛି। ପାଖାପଖି ୧୯ରୁ ୨୦ ହଜାର ଲୋକଙ୍କ ଠାରେ ଏହି ରୋଗର ଲକ୍ଷଣ ରହିଥିବା ସ୍ୱାସ୍ଥ୍ୟ ବିଭାଗ କହୁଛି। ତେଣୁ ସହରକୁ ଫାଇଲେରିଆ ମୁକ୍ତ କରିବା ଲାଗି ଶନିବାରଠାରୁ ସିଏମସି ଅଭିଯାନ ଆରମ୍ଭ କରିଛି । କଟକ ମେୟର, ସିଏମସି କମିଶନରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଫାଇଲେରିଆ ନିରାକରଣ ଅଭିଯାନରେ ସାମିଲ ହୋଇ ପ୍ରଥମେ ଔଷଧ ଖାଇବା ଆରମ୍ଭ କରିଛନ୍ତି । ଉଦ୍ଦେଶ୍ୟ ହେଉଛି କଟକ ସହରକୁ ଫାଇଲେରିଆ ମୁକ୍ତ କରିବା । ସିଏମସି ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟ ଦର୍ଶାଉଛି ଯେ କଟକ ସହରର ୫ଟି ୱାର୍ଡରେ ଫାଇଲେରିଆ ରୋଗର ପ୍ରଭାବ ରହିଛି । ସିଏମସିର ୩୧ ନମ୍ବର




ୱାର୍ଡ ସମେତ, ୩୬, ୩୭ ଏବଂ ୪୪ ଓ ୪୫ ନମ୍ବର ୱାର୍ଡରେ ଫାଇଲେରିଆ ରୋଗ ପ୍ରଭାବ ବିସ୍ତାର କରିଛି। ପାଖାପାଖି ୨୦ ହଜାର ଲୋକଙ୍କ ଠାରେ ଏହି ରୋଗର ଲକ୍ଷଣ ରହିଥିବା ସିଏମସିର ସ୍ୱାସ୍ଥ୍ୟ ବିଭାଗ କହୁଛି । ତେଣୁ ସେସବୁ ସ୍ଥାନରେ ଜନ ସଚେତନତା ବୃଦ୍ଧି କରାଇବା ଉଦ୍ଦେଶ୍ୟରେ ଶନିବାରଠାରୁ ପ୍ରଚାର ଗାଡି ବୁଲୁଛି ଏବଂ ଘରକୁ ଘର ବୁଲି ଆଶା କର୍ମୀମାନେ ଔଷଧ ବଣ୍ଟନ କରୁଛନ୍ତି। ରୋଗର ମୂଳୋତ୍ପାଟନ ଲାଗି ଆଗାମୀ ୩ ବର୍ଷ ଏହି ଅଞ୍ଚଳ ଗୁଡିକ ଉପରେ ନଜର ରଖାଯିବ । ସେପଟେ ଶନିବାର ବିଦ୍ୟାଳୟ ସ୍ତରରେ ଆରମ୍ଭ ହୋଇଛି କୃମି ନାଶକ ଅଭିଯାନ । ରେଭେନ୍ସା କଲଜିଏଟ୍ ସ୍କୁଲରେ ହୋଇଥିବା ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ସ୍କୁଲ ଛାତ୍ରଛାତ୍ରୀମାନେ କୃମି ନାଶକ ଔଷଧ ସେବନ କରିଛନ୍ତି । ଶିଶୁଙ୍କ ଠାରୁ ଆରମ୍ଭ କରି କିଶୋର ବୟସର ପ୍ରତ୍ୟେକ ପିଲାଙ୍କୁ ଏହି ଔଷଧ ଦେବାର ଲକ୍ଷ୍ୟ ରଖାଯାଇଛି। ଏହି କ୍ରମରେ କଟକ ଜିଲ୍ଲାର ପ୍ରାୟ ୮ ଲକ୍ଷ ପିଲାଙ୍କୁ କୃମିନାଶକ ଦେବାକୁ ସ୍ୱାସ୍ଥ୍ୟ ବିଭାଗ ଚଳିତ ବର୍ଷ ପଦକ୍ଷେପ ନେବ । ଯେଉଁମାନେ ଟ୍ୟାବଲେଟ୍ ଖାଇପାରିବେ ନାହିଁ, ସେମାନଙ୍କୁ ସିରପ୍ ଆକାରରେ ମଧ୍ୟ କୃମିନାଶକ ଦେବାର ବନ୍ଦୋବସ୍ତ ହୋଇଛି।

# ଖଣ୍ଡଗିରି କୁମ୍ଭମେଳା: କୌଳିକ ବୃତ୍ତିଧାରୀଙ୍କୁ ଭଡ଼ା ଭୟ

**ଖଣ୍ଡଗିରି, ୧୦/୨ ନ୍ୟୁଜ ବ୍ୟୁରୋ**

ଖଣ୍ଡଗିରି କୁମ୍ଭମେଳାରୁ ଭୁବନେଶ୍ୱର ମହାନଗର ନିଗମ କୋଟିଏରୁ ଅଧିକ ଟଙ୍କା ଆୟ କରୁଛି। ଦୋକାନ ପିଣ୍ଡି ବାବଦରେ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ରଖାଯାଇଛି। ତା'ସହିତ ପାର୍କିଂ, ଯାତ୍ରାପେଣ୍ଡାଲ, ମୀନାବଜାର ଆଦିରୁ ଭଡ଼ା ଆଦାୟ କରାଯିବ। ସବୁସବୁ ମିଶି ବିଏମ୍‌ସି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ପାଇବ। କିନ୍ତୁ ଯେଉଁ ଠାକୁରଙ୍କ ରାଣୀହଂସପୁର ଯାତ୍ରା ପାଇଁ ଏହି ମେଳାର ଆୟୋଜନ, ବିଏମ୍‌ସି ସେ ବାବଦରେ ମାତ୍ର ଲକ୍ଷେ ଟଙ୍କା ବ୍ୟୟ କରୁଛି। ଖଣ୍ଡଗିରି କୁମ୍ଭମେଳା ଅବସରରେ ପ୍ରଭୁ ଅନନ୍ତ କେଶରୀ ବିରାଟ ପଟୁଆରରେ ଉଦୟଗିରିର ରାଣୀଗୁମ୍ଫାସ୍ଥିତ ହଂସପୁର ଯାତ୍ରା କରିବା ବିଧି ରହିଛି। ଚଳିତବର୍ଷ ଏଥିପାଇଁ ବିଏମ୍‌ସି ୨ ଲକ୍ଷ ଟଙ୍କା ଦେବ ବୋଲି ହୋଇଥିବା ପ୍ରସ୍ତାବ କାର୍ଯ୍ୟକାରୀ ହୋଇନାହିଁ। ଏଥିପାଇଁ ବିଏମ୍‌ସି ଅନ୍ତତଃ ୧୦ ଲକ୍ଷ ଟଙ୍କା ଦେବାକୁ ଜାଗମରା ଉପରସାହି କମିଟିର ରଶ୍ମି ପାତ୍ର ଦାବି କରିଛନ୍ତି। ଯାତ୍ରା ଅବସରରେ ଜାଗମରା ଗାଁରୁ ଖଣ୍ଡଗିରି ପାହାଡ଼ ପର୍ଯ୍ୟନ୍ତ ସ୍ୱତନ୍ତ୍ର ବିଜୁଳି ବ୍ୟବସ୍ଥା କରିବାକୁ ମତ ଦେଇଛନ୍ତି ଜାଗମରା ତଳସାହି କମିଟି ସମ୍ପାଦକ ଶଶିକାନ୍ତ ପାତ୍ର। ସେହିଭଳି ଏହି ମେଳାରେ ହେଉଥିବା ଖଣ୍ଡଗିରି ପ୍ରସାଦର ପ୍ରଚାରପ୍ରସାର ପାଇଁ ପ୍ରଶାସନ ଗୁରୁତ୍ୱ ଦେବା ପାଇଁ ମଧ୍ୟ ଦାବି କରାଯାଇଛି। ସ୍ଥାନୀୟ ଅଧିବାସୀମାନଙ୍କ କହିବା ଅନୁସାରେ ଖଣ୍ଡଗିରି ପାହାଡ଼ର ଐତିହ୍ୟ ଓ କୁମ୍ଭମେଳା ହିଁ ପୁରୁଣା ଭୁବନେଶ୍ୱରର ଅନ୍ୟତମ ପରିଚୟ। ଏହି ମେଳାରେ ବାଉଁଶ, କଂସା, ପିତଳ, ଲୁହା ଓ ମାଟି-ପଥରର ବିଭିନ୍ନ ସାମଗ୍ରୀ ବିକ୍ରି ହୁଏ।

ଏହିସବୁ ସାମଗ୍ରୀ ନିର୍ମାଣ କରୁଥିବା କୌଳିକ ବୃତ୍ତିଧାରୀମାନଙ୍କ ଆଦର ଆଜି ବି ରହିଛି। କିନ୍ତୁ ବିଏମ୍‌ସି ସେମାନଙ୍କଠାରୁ ପିଣ୍ଡି ପିଛା ୧୦ ହଜାର ଟଙ୍କା ଆଦାୟ କରିବାକୁ ଧାର୍ଯ୍ୟ କରୁଛି। ସେମାନେ ଏତେ ପରିମାଣର ଭଡ଼ା ଦେବାକୁ ଅସମର୍ଥ ହେବାରୁ ଏହି ବେପାରୀମାନେ ମେଳାକୁ ଆସିବାକୁ ଭୟ କରୁଛନ୍ତି। ଭୁବନେଶ୍ୱରରେ ପ୍ରତିବର୍ଷ କୁମ୍ଭମେଳା ହୁଏ। ଦେଶର ବିଭିନ୍ନ ସ୍ଥାନରୁ ସାଧୁସନ୍ଥ ଆସିଥାଆନ୍ତି। କିନ୍ତୁ ଶିଶିର ସରସ, ଭୂଫେଷ୍ଟ ଭଳି ବିଏମ୍‌ସି ଏହାର ପ୍ରସ୍ତୁତି କରିନଥାଏ ବୋଲି ସ୍ଥାନୀୟ ଅଧିବାସୀମାନେ କହନ୍ତି। ଏମିତିକି ଅସ୍ଥାୟୀ ଶୌଚାଳୟ ନଥିବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ। ତେଣୁ ନାଗାସାଧୁଙ୍କ ଭଳି ବାହାରର ସାଧୁସନ୍ଥମାନଙ୍କ ରହଣି ପାଇଁ ପ୍ରଶାସନ ସବୁ ବ୍ୟବସ୍ଥା କରିବା ଜରୁରି ବୋଲି ଦାବି ହେଉଛି।

ପୁରାଣଶାସ୍ତ୍ର ଅନୁଯାୟୀ ପ୍ରଭୁ ଶ୍ରୀକୃଷ୍ଣଙ୍କ ଶାପଗ୍ରସ୍ତ ପୁତ୍ର ଶାମ୍ବ ଅର୍କକ୍ଷେତ୍ର କୋଣାର୍କ ଚନ୍ଦ୍ରଭାଗା ମହୋଦଧିରେ ମାଘ ସ୍ନାନ କରିବା ପରେ ଖଣ୍ଡଗିରି ପାହାଡ଼ରେ ଖଣ୍ଡଖିରି ଖାଇଥିଲେ ଏବଂ ଶାପମୁକ୍ତ ହୋଇଥିଲେ। ସେ କିଛି ଦିନ ପାଇଁ ଏହି ପାହାଡ଼ରେ ତପସାଧନ କରିଥିଲେ। ସେବେଠୁ ଏହି ତପୋବନରେ ସାଧୁସନ୍ଥମାନେ ତପସାଧନ କରିଆସୁଛନ୍ତି ଏବଂ ମେଳାର ଆୟୋଜନ ହେଉଛି। ଲୋକକଥା ଅନୁଯାୟୀ ୧୯୧୨ ମସିହା ପର୍ଯ୍ୟନ୍ତ ଖଣ୍ଡଗିରି ପାହାଡ଼ରେ ହିଁ ଅନନ୍ତ କେଶରୀଙ୍କ ମନ୍ଦିର ଥିଲା। ପରବର୍ତ୍ତୀ ସମୟରେ ଠାକୁରଙ୍କୁ ଜାଗମରା ଗାଁସ୍ଥିତ ନାଗାମଠକୁ ଅଣାଯାଇଥିଲା। ମାଘ ମେଳା ଅବସରରେ ପ୍ରଭୁ ଅନନ୍ତ କେଶରୀ ଜାଗମରା ନାଗାମଠରୁ ବାହାରି ରାଣୀହଂସପୁରକୁ ଯାତ୍ରା କରନ୍ତି। ଏଥିପାଇଁ ଜାଗମରା ଗାଁ କମିଟି ସବୁ ଖର୍ଚ୍ଚ କରୁଥିଲା। ମେଳଣ ପଡ଼ିଆରୁ ମିଳୁଥିବା ରାଜସ୍ୱ ଯୋଗୁଁ ଯାତ୍ରା ଆୟୋଜନ ସହଜ ହେଉଥିଲା। କିନ୍ତୁ ବିଏମ୍‌ସି ମେଳା ଦାୟିତ୍ୱ ନେବାଠାରୁ ଗ୍ରାମ କମିଟି ବ୍ୟବସାୟୀମାନଙ୍କଠାରୁ ପଇସାଟିଏ ପାଉନାହିଁ। ତେଣୁ ଗତ କିଛି ବର୍ଷ ହେଲା ବିଏମ୍‌ସି ପକ୍ଷରୁ ଦିଆଯାଉଥିବା ଅନୁଦାନ ରାଶି ବୃଦ୍ଧି କରାଯାଉ ବୋଲି ଆୟୋଜକ କମିଟି ଦାବି କରିଛି। ପୂର୍ବତନ ନଗରପାଳ ଜଗନ୍ନାଥ ମହାପାତ୍ରଙ୍କ ସମୟରେ ୫ ହଜାର, ମେୟର ମିହିର ମହାନ୍ତିଙ୍କ ସମୟରେ ୨୦ ହଜାର ଓ ଅନନ୍ତ ନାରାୟଣ ଜେନାଙ୍କ ସମୟରେ ୭୦ ହଜାର ଟଙ୍କାର ଅନୁଦାନ ମିଳୁଥିଲା। ଚଳିତବର୍ଷ ୧ ଲକ୍ଷ ଟଙ୍କା ଦିଆଯାଇଛି।

## ଇଟାଭାଟିରେ ପୋଡ଼ି ହୋଇ ୪ ଶ୍ରମିକଙ୍କ ମୃତ୍ୟୁ, ଜଣେ ଗୁରୁତର



**ଢେଙ୍କାନାଳ, ୧୦/୨ ନ୍ୟୁଜ ବ୍ୟୁରୋ**

ଢେଙ୍କାନାଳ କଣ୍ଟାବଣିଆ ଥାନା କମଳାଙ୍ଗ ଗାଁରେ ଅଭାବନୀୟ ଘଟଣା। ଇଟାଭାଟିରେ ପୋଡି ହୋଇ ୪ ଜଣ ଶ୍ରମିକଙ୍କ ମତ୍ୟୁ ହୋଇଛି। ରାତିରେ ଭାଟିରେ ନିଆଁ ଲଗାଇ ନିକଟରେ ଶୋଇଥିବା ବେଳେ, ସେହି ନିଆଁରେ ପୋଡ଼ି ଜୀବନ୍ତ ଦଗ୍ଧ ହୋଇଛନ୍ତି ୪ ଜଣ ଶ୍ରମିକ । ଏଥିସହ ଅନ୍ୟ ଜଣେ ଶ୍ରମିକ ଗୁରୁତର ଅଛନ୍ତି। ସମସ୍ତ ମୃତକ ଛତିଶଗଡ଼ର ମେଘନାଥ ଭୋଇ, ନିରା ଭୋଇ ଓ ୭ ବର୍ଷର ଶିଶୁ ଜିତୁ ଭୋଇ। ଗୁରୁତର ଥିବା ଶ୍ରମିକ ହେଲେ ଶିବ ଦାସ। ଏହା ବ୍ରାହ୍ମଣୀ ନଦୀକୂଳରେ ରହିଛି ଇଟାଭାଟି। ଗତ କିଛିଦିନ ତଳେ ମଧ୍ୟ ଦୁଇ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଇଟା ଭାଟିଟି ବେଆଇନ ଭାବେ ଚାଲୁଥିବା ଅଭିଯୋଗ ହୋଇଛି । ମୃତ ଦେହକୁ ନିକଟରେ ଥିବା ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।


## ଏବେ ବଜାରରେ ଉପଲବ୍ଧ...

## 'କଥାକଳିକା' ଫେବୃଆରୀ -୨୦୨୪ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ଜିରୋନାଇଟ୍ : ମନୋଜ କୁମାର ମହାପାତ୍ର।
**ସମକାଳର କଥା :** ଶୋକାର୍ତ୍ତ ସମୟ-କ୍ଷୀରୋଦ ଦାସ, ଋଣ ଶୁଝିବା ଦିନ- ମଧୁମିତା ମହାନ୍ତି, ରେବତୀ- ସୀମାଞ୍ଚଳ ଦାଶ, ପଞ୍ଚମ ଦୁର୍ଘଟଣା- ଦାଶରଥି ଭୂୟାଁ, ରିକ୍ସାବାଲା- ସୁଷମା ପରିଜା।
**ଅନ୍ୟଭାଷାର କଥା :** ଆରଣ୍ୟକ ବିଭୂତି ଭୂଷଣ - ପ୍ରଦୀପ୍ତ ଶ୍ରୀଚନ୍ଦନ।
**ଯୁବ ମାନସର କଥା :** ପାଉଁଜି-ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ, ଚାନ୍ଦିନୀ-ଯଶୋବନ୍ତ ସେଠୀ, ଜଟିଆ ବାବାଙ୍କ ଜଟାଛିଡା ଉପାଖ୍ୟାନ- କିଶୋରଚନ୍ଦ୍ର ଜେନା, ଦେବୀ ପକ୍ଷ- ନିରୂପମାକର, ଉଠ, ଜାଗ- ସୁନାକର ସାହୁ, ମାଳି- ବିଜୟଲକ୍ଷ୍ମୀ ପାଣିଗ୍ରାହୀ, ଅବ୍ୟକ୍ତ ଯନ୍ତ୍ରଣା- ପୁଷ୍ପାଞ୍ଜଳି ସାହୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣସ୍ଥ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

| ଯୋଗାଯୋଗ କରନ୍ତୁ | ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର । |
| --- | --- |
| ପ୍ରସାର ପରିଚାଳକ 'କଥାକଳିକା' କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬, ଫାକ୍ସ : ୨୫୪୫୬୬୮ E-mail: kathakalika@gmail.com | 'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ । କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ) |